
ଅପ୍ରେଲ-୨୦୧୮ ॥ଓ୩ମ୍॥ ମୂଲ୍ୟ ପ୍ରତିଖଣ୍ଡ -୧୦ ଟଙ୍କା

ଗୁରୁକୁଳ ଆଶ୍ରମ ଆମସେନାର ମାସିକ ମୁଖପତ୍ର

# କୁଳଭୂମି

ପୂଜ୍ୟ ସ୍ୱାମୀ ଓମାନନ୍ଦ ସରସ୍ୱତୀ (ଭଗବାନଦେବ ଜୀ) ଆର୍ଯ୍ୟ ଜଗତର ମହାନ୍ କର୍ମଠ, ତପସ୍ୱୀ, ବିଦ୍ୱାନ୍ ସମଗ୍ର ଦେଶରେ ଆର୍ଷ ପାଠବିଧିର ପୁନଃ ପ୍ରଚଳନ କରିଥିବା ଆଗ୍ରର୍ଯ୍ୟ ଭଗବାନଦେବଙ୍କ ଜନ୍ମ ଦିଲ୍ଲୀ ପ୍ରାନ୍ତର ନରେଲା ନଗରରେ ଚୌଧୁରୀ ଜନକସିଂହଙ୍କ ଗୃହରେ ତା ୨୨ ମାର୍ଚ୍ଚ ୧୯୧୧ ରିଖରେ ହୋଇଥିଲା । ସହିଦ୍ ଭଗତସିଂହ ପ୍ରଭୃତିଙ୍କ ବଳିଦାନରେ ଆପଣଙ୍କ ହୃଦୟରେ ଇଂରେଜ ଶାସନପ୍ରତି ଘୃଣାଭାବ ଉତ୍ପନ୍ନ ହୋଇଥିଲା । ତେଣୁ ସେହି ଦିନଠାରୁ କଲେଜ୍‌କୁ ଯିବା ବନ୍ଦ କରିଦେଲେ । ତାପରେ ନିଜ ପୈତୃକ ଭୂମିରେ ବିଦ୍ୟାର୍ଥୀ ମାନଙ୍କ ପାଇଁ ଏକ ଆଶ୍ରମ ପ୍ରତିଷ୍ଠା କରି ଯୁବକମାନଙ୍କୁ ପ୍ରେରଣା ଦେବା ଆରମ୍ଭ କରିଦେଲେ । ସେହିଠାରୁ ବେଦ ବିଦ୍ୟାଳୟ ଗୌତମ ନଗର ପ୍ରର୍ଭୃତକୁ ଯାଇ ଆର୍ଷ ବିଦ୍ୟା ଅଧ୍ୟୟନ କରିଥିଲେ । ପରେ ଗୁରୁକୁଳ ଝଜ୍ଜରର ଆଗ୍ରର୍ଯ୍ୟ ପଦବୀକୁ ଗ୍ରହଣ କରିଥିଲେ । ସେହି ଦିନଠାରୁ ଗୁରୁକୁଳର କ୍ରମାନୁସାରେ ଅଭୁତପୂର୍ବ ପ୍ରଗତି ସାଧିତ ହୋଇଥିଲା । ଗୁରୁଳର ଦଣ୍ଡୀ ବିରଜାନନ୍ଦ ଜୀ ଏବଂ ମହର୍ଷି ଦୟାନନ୍ଦଙ୍କ ଆର୍ଷ ପ୍ରଣାଳୀକୁ ଗୁରୁକୁଳରେ ପ୍ରଚଳନ କରିବା ମହାନ୍ ତ୍ୟାଗୀ, ତପସ୍ୱୀ ଆଦିତ୍ୟ ବ୍ରହ୍ମଚାରୀ ସ୍ୱାମୀ ଓମାନନ୍ଦ ଜୀ ସରସ୍ୱତୀଙ୍କ ପୁଣ୍ୟ ତିଥି ମାର୍ଚ୍ଚ ତା ୨୩ ରିଖ ।



ଆର୍ଯ୍ୟ ଜଗତର ବିଭୂତି

## ପୂଜ୍ୟ ସ୍ୱାମୀ ଓମାନନ୍ଦ ସରସ୍ୱତୀ





# ବାତରାଜ ତୈଳ

ଏହି ତୈଳକୁ ମାଲିସ୍ କଲେ ଗୃଧ୍ରସିବାତ, ଏକାଙ୍ଗବାତ, ଅର୍ଦିତ, ପକ୍ଷାଘାତ, ହସ୍ତପାଦାଦି କନ, ପଙ୍ଗୁ, ବଧିରତା, ଶୁକ୍ରକ୍ଷୟ, ମନ୍ୟାସ୍ତମ୍ଭ, ଅନୁସ୍ତମ୍ଭ ଓ ଶିରଶୂଳ ଅପବାହୁକ କର୍ଣ୍ଣନାଦ, ଅତତନ୍ତ୍ରକ ଜୀର୍ଣ୍ଣବାତ ବେକର ସ୍ଥିରତା ମୁଣ୍ଡର ହଲ-ଛଳ ବନ୍ଦ ହୋଇଯିବା ସମସ୍ତ ପ୍ରକାରର ବାତ ରୋଗ ଶୀଘ୍ର ନଷ୍ଟ ହୁଏ । ଶରୀରରେ ବଳ, ବୀର୍ଯ୍ୟର ବୃଦ୍ଧି ହୁଏ । ଏହି ତୈଳର ସେବନ ଦ୍ୱାରା ବନ୍ଧ୍ୟାସ୍ତ୍ରୀର ସମସ୍ତ ପ୍ରକାର ଯୋନିଦୋଷ ଦୂର ହୋଇ ସୁରବୀର ସର୍ବଗୁଣ ସନ୍ନ, ବୁଦ୍ଧିମାନ୍, ବଳବାନ୍ ଓ ରୂପବାନ୍ ବିନୟଶୀଳ ସନ୍ତାନ ସନ୍ତତି ଉତ୍ପନ୍ନ କରିବାରେ ଅତ୍ୟନ୍ତ ଉପଯୋଗୀ ହୋଇଥାଏ । ଏହି ତୈଳର ପ୍ରଭାବରେ ମନୁଷ୍ୟ ଲକ୍ଷ୍ମୀବାନ୍ ସ୍ତ୍ରୀପ୍ରିୟତା ଶରୀରର ପ୍ରକର୍ଷତା ଆଦି ଗୁଣ ଦ୍ୱାରା ଯୁକ୍ତ ହୋଇଥାଏ । ବୃଦ୍ଧାବସ୍ଥାରୁ ମୁକ୍ତ ହୋଇ ସ୍ୱସ୍ଥାୟୁ ହୋଇ ଚୀରକାଳ ପର୍ଯ୍ୟନ୍ତ ଜୀବିତ ହୋଇ ରହନ୍ତି । ଏହି ତୈଳକୁ ପାନ କଲେ ଅଭ୍ୟଙ୍ଗ ଓ ମାଲିସ୍ କଲେ ଭୋଜ୍ୟ ପଦାର୍ଥରେ ମିଶ୍ରଣ କରି ଖାଇଲେ ଏବଂ ବସ୍ତିରୂପରେ ପ୍ରୟୋଗ କଲେ ବହୁରୋଗ ଦୂରୀଭୂତ ହୋଇଥାଏ ।

ଏହି ତୈଳର ତାଳପତ୍ରରୁ ଉଦ୍ଧୃତ କରି ଅନେକ ଦିବ୍ୟ ଜଡ଼ି-ବୁଟି ସଦ୍ୟ ସଂଗ୍ରହ କରି, ଅନୁଭବୀ ବୈଦ୍ୟମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମିତ କରାଯାଇଥାଏ । ଏହି ବାତରୋଗ ତୈଳରେ ଶତାଧିକ ରାତରୋଗ ନାଶକ ଦିବ୍ୟ ଜଡ଼ି-ବୁଟି ଔଷଧି ଗୁଡ଼ିକର ସ୍ୱରସକୁ ତେଲରେ ସିଝାଇ ତେଲକୁ ସୁଦ୍ଧ କରାଯାଏ । ଏହି ତେଲ ୪୦ ବର୍ଷରୁ ନିର୍ମାଣ ହୋଇ ଆସୁଛି । ତଦ୍ୱାରା ଅସଂଖ୍ୟ ବାତରୋଗୀ ଲାଭାନ୍ୱିତ ହୋଇଛନ୍ତି ।





॥ ଓ୩ମ୍ ॥

# କୁଳଭୂମି

ଗୁରୁକୁଳ ଆଶ୍ରମ ଆମସେନାର

**ମାସିକ ମୁଖପତ୍ର**

ବି.ସ.-୨୦୭୫ ଦୟାନନ୍ଦାବ୍ଦ: ୧୯୫

ସୃଷ୍ଟି ସମ୍ବତ୍- ୧,୯୬,୦୮,୫୩,୧୧୯

ଏପ୍ରିଲ-୨୦୧୮ ବର୍ଷ-୩୮ ଅଙ୍କ-୪,

**ପ୍ରତିଷ୍ଠାତା**

**ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ**

**ମୁଖ୍ୟସଂପାଦକ**

**ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ**

**ସମ୍ମାନିତ ସଂପାଦକ**

**ପଣ୍ଡିତ ବିଶିକେସନ ଶାସ୍ତ୍ରୀ**

**ଆଗ୍ର୍ଯ୍ୟ ଯୋଗେନ୍ଦ୍ର ଉପାଧ୍ୟାୟ**

**ଆଗ୍ର୍ଯ୍ୟ ବିନୟ କୁମାର ବୈଦିକ**

**ଆଗ୍ର୍ଯ୍ୟ ଉମେଶ କୁମାର ମନସ୍ୱୀ**

**ବ୍ୟବସ୍ଥାପକ**

**ବିକାଶ କୁମାର ଶାସ୍ତ୍ରୀ**

**ବ୍ର. ହୃଷିକେଶ ଆର୍ଯ୍ୟ**

ବାର୍ଷିକ ୧୦୦ ଟଙ୍କା, ଆଜୀବନ ୧000 ଟଙ୍କା

ପ୍ରତିଖଣ୍ଡ ୧୦ ଟଙ୍କା

**ପ୍ରକାଶନ ଓ ମୁଦ୍ରଣ**

**ଗୁରୁକୁଳ ଆଶ୍ରମ ଆମସେନା**

**ନୂଆପଡ଼ା : ଓଡ଼ିଶା : ୭୬୬୧୦୯**

www. vedicgurukulamsena.com
E.Mail.aumgurukul@rediffmail.com
Mob- 9437070541, 9437428121,
8280209696, 8280508896.


## ସଂପାଦକଙ୍କ କଲମରୁ.........

ମାର୍ଚ୍ଚ ୨୫ ତାରିଖରେ ସମଗ୍ର ଭାରତବାସୀ ରାମ ନବମୀ ପର୍ବ ଓ ଚୈତ୍ର ଶୁକ୍ଳ ପ୍ରତିପଦା ନବବର୍ଷ ପାଳନ କରିଛନ୍ତି । ରାମନବମୀ ପର୍ବ ହେଉଛି ଶ୍ରୀରାମଙ୍କ ଜନ୍ମ ଦିବସ ଯାହାକୁ ଆମ୍ଭେମାନେ ରାମ ନବମୀ ପର୍ବ ରୂପେ ଧୂମଧାମ୍‌ରେ ପାଳନ କରି ଆସୁଛୁଁ । ମାନବ ଜୀବନରେ ସମସ୍ତଙ୍କୁ ଅତି ଆବଶ୍ୟକ ଅଟେ ଯେ ପ୍ରାତଃ ସାୟଂ ଦିଓଳି ଦ୍ୱିବାର ପରମାତ୍ମାଙ୍କୁ ଧନ୍ୟବାଦ ଦେବାପାଇଁ ସନ୍ଧ୍ୟା, ଉପାସନା, ପ୍ରାର୍ଥନା, ଯାଚନା, ସମର୍ପଣ ମାଧ୍ୟମରେ ଦିଆଯିବା ପାଇଁ ପ୍ରାତଃ ସ୍ମରଣୀୟ ମହର୍ଷି ଦୟାନନ୍ଦ ସରସ୍ୱତୀ ନିଜ ଅମର ଗ୍ରନ୍ଥ ସତ୍ୟାର୍ଥ ପ୍ରକାଶ, ଋଗ୍‌ବେଦାଦି ଭାଷ୍ୟଭୂମିକା, ସଂସ୍କାର ବିଧି ପୁସ୍ତକରେ ଉଲ୍ଲେଖ କରିଛନ୍ତି । ଆପଣମାନେ ଜାଣିଥିବେ ଭଗବାନ ଶ୍ରୀ ରାମଚନ୍ଦ୍ର ତଥା ଯୋଗେଶ୍ୱର ଶ୍ରୀ କୃଷ୍ଣ ମଧ୍ୟ ପ୍ରତ୍ୟହ ପ୍ରାତଃ ସାୟଂ ସନ୍ଧ୍ୟୋପାସନା ନିରଳା ସ୍ଥାନରେ କରୁଥିଲେ । ଆମେ ଯଦି ନିଜକୁ ଶ୍ରୀରାମ ଓ ଶ୍ରୀ କୃଷ୍ଣଙ୍କୁ ଆଦର୍ଶ ରୂପେ ମାନୁଛୁଁ ତେବେ ଆମ୍ଭେମାନେ ମଧ୍ୟ ପ୍ରତ୍ୟହ ସନ୍ଧ୍ୟୋପାସନା କରିବା ହେଉଛି ଅତ୍ୟନ୍ତ ଆବଶ୍ୟକ ।

ମହର୍ଷି ଦୟାନନ୍ଦ ଋଗ୍‌ବେଦଭାଷ୍ୟଭୂମିକାରେ ବେଦରୁ ଗୋଟିଏ ମନ୍ତ୍ର ଉଦ୍ଧୃତ କରି ଲେଖିଛନ୍ତି ....

**ଓ୩ମ୍ ଯାଂ ମେଧାଂ ଦେବଗଣାଃ ପିତରଶ୍ଚୋପାସତେ ।**
**ତୟା ମାମଦ୍ୟ ମେଧୟାଗ୍ନେ ମେଧାବିନଂ କୁରୁ ସ୍ୱାହା ॥**

(ଯଜୁ. ଅ. ୩୨. ମ. ୧୪)

ମନ୍ତ୍ରର ଅଭିପ୍ରାୟ ହେଉଛି ହେ ପରମାତ୍ମନ୍ ! ଆପଣ ଦୟାକରି ଆମ୍ଭମାନଙ୍କୁ ଅତ୍ୟୁତ୍ତମ ସତ୍ୟବିଦ୍ୟା ପ୍ରଭୃତି ଶୁଭ ଗୁଣ ଗୁଡ଼ିକ ଗ୍ରହଣ କରିବାପାଇଁ ସାମର୍ଥ୍ୟ ଦିଅନ୍ତୁ । ଯାଫଳରେ ଆମ୍ଭେମାନେ ବେଦ ଅର୍ଥାତ୍ ବିଦ୍ୱାନ୍ ଓ ପିତର ଅର୍ଥାତ୍ ଜ୍ଞାନୀ ହୋଇ ସର୍ବଦା ଆପଣମାନଙ୍କ ଉପାସନା କରିବାରେ ସାମର୍ଥଶୀଳ ହେବୁ । ସ୍ୱାହା ଶବ୍ଦ ଏହି ମନ୍ତ୍ରରେ ଆସିଛି ଯାହାର ଅର୍ଥ ମହାମୁନି ଯାସ୍କ ନିରୁକ୍ତ ଶାସ୍ତ୍ରରେ ଲେଖିଛନ୍ତି- ଉତ୍ତମ ମଧୁର କଲ୍ୟାଣ କାରକ ଓ ପ୍ରିୟ ବଚନର ପ୍ରୟୋଗ ସମସ୍ତେ କରିବା ଆବଶ୍ୟକ । ଧର୍ମଯୁକ୍ତ ପୁରୁଷାର୍ଥ ଦ୍ୱାରା ପ୍ରାପ୍ତ ପଦାର୍ଥରେ ହିଁ ସର୍ବଦା ସନ୍ତୁଷ୍ଟ ରହିବା ଉଚିତ ।

ପ୍ରତିଦିନ ଉତ୍ତମ ସୁଗନ୍ଧାଦି ଦ୍ରବ୍ୟକୁ ଶୁଦ୍ଧପୂତ କରି ସମସ୍ତ ଜଗତର କଲ୍ୟାଣ କାରକ ଯଜ୍ଞଭଳି ଶ୍ରେଷ୍ଠକର୍ମ କୁ ପ୍ରତ୍ୟହ କରିବା ଏକାନ୍ତ ଆବଶ୍ୟକ । ଯେହେତୁ ଆମର ଆଦର୍ଶ ମହାପୁରୁଷ ଦେବତା ସ୍ୱରୂପ ଶ୍ରୀରାମ ଓ ଶ୍ରୀକୃଷ୍ଣ ପ୍ରତିଦିନ ଯଜ୍ଞ ଓ ସନ୍ଧ୍ୟୋପାସନା କରୁଥିଲେ ଯେଉଁମାନେ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ସେମାନେ ମଧ୍ୟ ଏହା କରିବା ଅତ୍ୟନ୍ତ ଆବଶ୍ୟକ ଏବେ ଜାଣିବାକୁ ହେବ ଯେ ଆମ୍ଭେମାନେ କେତେ ତାଙ୍କରି ଆଦର୍ଶକୁ ମାନି ସନ୍ଧ୍ୟୋପାସନା ଯଜ୍ଞ କର୍ମ କରି ଚାଲିଛୁଁ । ମୁଁ ତ ଦେଖୁଛି ଯେଉଁମାନେ ବଡ଼ ବଡ଼ ବକ୍ତା, ପ୍ରବଚକ, ବୈଦିକ ବିଦ୍ୱାନ୍ ନିଜଠୁ ଆହୁରି କିଏ ନାହାନ୍ତି ବିଦ୍ୱାନ୍, ବିଦୁଷୀ ମାନୁଛନ୍ତି ହେଲେ ବ୍ୟବହାରରେ ଶୂନ୍ୟ ପରିଲକ୍ଷିତ ହେଉଛି । ବହୁତ କମ ଆର୍ଯ୍ୟସମାଜୀ ଅଛନ୍ତି ଯେଉଁମାନେ ଦୈନିକ ଅଗ୍ନିହୋତ୍ର ଓ ସନ୍ଧ୍ୟୋପାସନା ମଧ୍ୟ କରୁଥିବେ ? ମୁଁ ନିନ୍ଦାକରୁ ନି, ମୋର ଲେଖିବାର ଉଦ୍ଦେଶ୍ୟ ହେଉଛି । ଆମ୍ଭେମାନେ ଯଦି କରିବା ନାହିଁ ତାହେଲେ କିଏ କରିବ ? କରନ୍ତୁ ବୋଲି କାହାକୁ କହିବା । ବର୍ତ୍ତମାନ ସମୟରେ କଣ ? ସବୁବେଳେ ଅଳ୍ପଜ୍ଞ ମନୁଷ୍ୟ ଆଚରଣକୁ ଦେଖି ଶିଖିଥାଏ । ଯଦି ଆମ୍ଭମାନଙ୍କ ହୃଦୟରେ କମ୍ ବେଶୀ କରି ମହର୍ଷି ଦୟାନନ୍ଦଙ୍କ ପ୍ରତି ଶ୍ରଦ୍ଧା ଭକ୍ତି ରହିଛି ତାହେଲେ ଆଜିଠୁଁ ନିଶ୍ଚୟ କରିନିଅନ୍ତୁ ମୁଁ ପ୍ରତିଦିନ ସନ୍ଧ୍ୟୋପାସନା ଓ ଯଜ୍ଞ କର୍ମ କରିବି ଓ ଆର୍ଯ୍ୟ ସମାଜର ସଂସ୍ଥାପକ ଦେବ ଦୟାନନ୍ଦ, ଶ୍ରୀ ରାମ, ଶ୍ରୀ କୃଷ୍ଣଙ୍କ ଆମେ ଅନୁଯାୟୀ ଅଟୁଁ ବୋଲି ଗର୍ବର ସହିତ କହିବାକୁ ଅଧିକାରୀ ହୋଇ ପାରିବୁ ।

ଯେଉଁ ମନୁଷ୍ୟ ନିଜର ସର୍ବସ୍ୱ ପରମାତ୍ମାଙ୍କୁ ଅର୍ପଣ କରିଦିଏ, ତାକୁ ପରମଦୟାଳୁ ପରମେଶ୍ୱର ଯାବତୀୟ ସୁଖ ଶାନ୍ତି ପ୍ରଦାନ କରିଥାନ୍ତି । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ମୁଁ ଦେଖୁଛି ବରଗଡ଼ ସହରରେ ଅନେକ ଆର୍ଯ୍ୟ ପରିବାର ଅଛନ୍ତି ସେମାନେ ସନ୍ଧ୍ୟା ଓ ଅଗ୍ନିହୋତ୍ର ନକଲେ କୌଣସି କାମ କରନ୍ତି ନାହିଁ । ଏଥିରେ ଅନେକ ଡାକ୍ତର, ପ୍ରାଧ୍ୟାପକ, ସରକାରୀ କର୍ମଚାରୀ, ଓକିଲ, ପୋଲିସ୍ ବ୍ୟବସାୟୀ ବନ୍ଧୁମାନେ ରହିଛନ୍ତି । ଦେଶରେ ଅନ୍ୟତ୍ର ମଧ୍ୟ ରହିଛନ୍ତି ମୁଁ ସେମାନଙ୍କୁ ସାଧୁବାଦ ଜଣାଉଛି । ଏପରି ପବିତ୍ର କର୍ମ କରି ଚାଲିଛନ୍ତି । ପ୍ରୀତି ପୂର୍ବକ ପରସ୍ପର ମିଶି ରହିବାର ଦିନ ମିଳିତ ଭାବେ ଯଜ୍ଞ, ପ୍ରବଚନ, ବେଦପାଠ, ସତ୍ୟାର୍ଥ ପ୍ରକାଶ ପାଠ କରୁଛନ୍ତି । ଏହା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି ଆମ୍ଭେମାନେ ମଧ୍ୟ ତାକୁ ଅନୁସରଣ କରିବା କଥା । ସମସ୍ତଙ୍କୁ ପରମାତ୍ମା ଶକ୍ତି ସୁବିଚାର ଓ ସୁବୁଦ୍ଧି ମଧ୍ୟ ଦେଉଛନ୍ତି । ଏହି ପରି ସମସ୍ତ ଆର୍ଯ୍ୟ ବନ୍ଧୁ ଏପରି କରିବା କଥା ଯାହାର ପ୍ରଭାବ ପଡିବ ଓ ଅନ୍ୟମାନେ ମଧ୍ୟ ପ୍ରଭାବିତ ହୋଇ ପାରିବେ । ତଦ୍ଦ୍ୱାରା ସମସ୍ତଙ୍କ ମଙ୍ଗଳ ସାଧିତ ହେବ । ସମସ୍ତେ ସୁଖ ଶାନ୍ତିରେ ରହି ସମାଜର ଉନ୍ନତିରେ ନିଜର ଉନ୍ନତି ମାନି ଆଗକୁ ଆଗ ଅଗ୍ରସର ହେବେ ।

ବେଦରେ କଥିତ ହୋଇଛି **"କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍"** ହେ ମୋକ୍ଷମାର୍ଗର ପାଳନ କର୍ତ୍ତା ମାନବଗଣ ! ତୁମ୍ଭମାନେ ସମସ୍ତେ ଶୁଣ ଯେ ଉପାସକ ଗଣ ଯେଉଁ ଦିବ୍ୟାଲୋକ ଅର୍ଥାତ୍ ମୋକ୍ଷ ସୁଖକୁ ପୂର୍ବରୁ ଲାଭ କରି ସାରିଛନ୍ତି ସେହି ଉପାସନା ଯୋଗ ଦ୍ୱାରା ତୁମ୍ଭେମାନେ ମଧ୍ୟ ସେହି ସୁଖକୁ ଲାଭ କରି ପାରିବ, ଏଥିରେ ସନ୍ଦେହର ଅବକାଶ ନାହିଁ । ଏହି କାରଣରୁ ତୁମ୍ଭମାନଙ୍କୁ ଉପାସନା ଯୋଗ୍ୟ ମାନବ ମଧ୍ୟରେ ଯୁକ୍ତ କରୁଛି ।

ସମସ୍ତ ଆର୍ଯ୍ୟଜଗତର ବନ୍ଧୁମାନଙ୍କୁ ଉକ୍ତ ପର୍ବୋପଲକ୍ଷେ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

# ମାଂସ ନୋହେ କେବେ ମନୁଷ୍ୟର ଖାଦ୍ୟ

ପଣ୍ଡିତ ବିଶିକେସନ ଶାସ୍ତ୍ରୀ

ଏ ସକଳ ସଂସାରରେ କେତେ ପ୍ରକାରର ଯେ ନର-ନାରୀ, ପଶୁ-ପକ୍ଷୀ ସରୀସୃପ କୀଟ ପତଙ୍ଗାଦି ରହିଛନ୍ତି ତାର କୌଣସି ଇୟତ୍ତା ନାହିଁ । ସେସବୁକୁ ବିଗ୍ରହ କଲା ବେଳକୁ ମଣିଷର ବିଗ୍ରହଧାରା କେବେ ମଧ୍ୟ ଶେଷ ସୀମାରେ ଉପନୀତ ହୋଇପାରିବ ନାହିଁ । କେବଳ ମନୁଷ୍ୟ ନୁହେଁ ଏପରି ଅନେକ ପ୍ରକାର ପଶୁ-ପକ୍ଷୀ, ତଥା ଜୀବ ଜନ୍ତୁମାନେ ଅଛନ୍ତି ସେମାନଙ୍କ ମଧ୍ୟରୁ କେତେକ ମାଂସାହାରୀ ହୋଇଥିବା ସ୍ଥଳେ ଅନ୍ୟ କେତେକ ନିରାମିଷାଶୀ ପ୍ରାଣୀ ମଧ୍ୟ ରହିଛନ୍ତି । ସକଳ ଜୀବଜଗତ୍ ମଧ୍ୟରେ ମନୁଷ୍ୟଜନ୍ମ ହେଉଛି ସର୍ବଶ୍ରେଷ୍ଠ । ସେହି ମନୁଷ୍ୟମାନେ ହେଉଛନ୍ତି ମାଂସାହାରୀ ଏପରି କେତେକ ବ୍ୟକ୍ତି ବଜ୍ରନିର୍ଘୋଷ ସ୍ୱରରେ ମତ ପୋଷଣ କରିଥାନ୍ତି । ଆମର ପୂର୍ବାଗ୍ରର୍ଯ୍ୟମାନେ ବଜ୍ରନିର୍ଘୋଷ ସ୍ୱରରେ କହିଛନ୍ତି **"ଲକ୍ଷଣ ପ୍ରମାଣାଭ୍ୟାଂ କାର୍ଯ୍ୟ ସିଦ୍ଧିଃ ତନୁପ୍ରତିଜ୍ଞା ମାତ୍ରେଣ"** ଅର୍ଥାତ୍ ବିଷୟ ବସ୍ତୁର ପ୍ରକୃତ ତଥ୍ୟକୁ ଅବଗତ ହେବାକୁ ହେଲେ ସେମାନଙ୍କର ଲକ୍ଷଣ ଓ ପ୍ରମାଣଦ୍ୱାରା କାର୍ଯ୍ୟକୁ ସିଦ୍ଧ କରାଯାଇଥାଏ । କେବଳ ପ୍ରତିଜ୍ଞାଦ୍ୱାରା କେବେ ମଧ୍ୟ କୌଣସି କାର୍ଯ୍ୟ ସିଦ୍ଧ ହୋଇ ପାରିବ ନାହିଁ । ଏ ବିଷୟରେ ଆମେ ଯେପରି ନିଃସନ୍ଦେହ ହୋଇ ପାରିବା, ତାକୁ ପାଥେୟ କରି ଏଠାରେ କେତୋଟିମାତ୍ର ଯୁକ୍ତି ଉପସ୍ଥାପନ କରିବା ପାଇଁ ଶ୍ରେୟସ୍କର ବୋଲି ବିବେଚନା କରୁଛୁ । ସେସବୁକୁ ଯଦି ମନୋଯୋଗ ସହକାରେ ପାଠ କରିବେ ତେବେ ସେମାନେ କେବେ ମଧ୍ୟ ମାଂସାହାରୀ ନୁହନ୍ତି ଏହା ମର୍ମେ ମର୍ମେ ଉପଲବ୍ଧି କରିପାରିବେ ।

୧. ଅଗଣିତ ପଶୁ ପକ୍ଷୀ ଗୁଡ଼ିକ ପ୍ରାକୃତିକ ନିୟମ ସବୁକୁ କେତେ ଦୃଢ଼ତାର ସହିତ ପାଳନ କରୁଛନ୍ତି, ସେସବୁ ସେମାନଙ୍କ ଆହାରକୁ ନିରୀକ୍ଷଣ କଲେ ଅତି ସହଜରେ ସବୁ ବିଷୟ ନିଶ୍ଚିତଭାବେ ଜାଣି ହେବ । ପରୀକ୍ଷା ମୂଳକ ଭାବେ କୌଣସି ସିଂହ ବା ବ୍ୟାଘ୍ରକୁ ଏକାଦିକ୍ରମେ ଦୁଇ ତିନି ଦିନ ପର୍ଯ୍ୟନ୍ତ ଉପବାସରେ ରଖି ଯଦି ଚତୁର୍ଥ ଦିନ ତା ସମ୍ମୁଖରେ ଅଧିକରୁ ଅଧିକ ସ୍ୱାଦିଷ୍ଟ ମିଷ୍ଟାନ୍ନ, ଭାତ ଡାଲି ବା ରୋଟି ତାକୁ ଖାଇବା ପାଇଁ ଦିଆଯାଏ ତେବେ ସେସବୁକୁ ସେ ଖାଇବା ତ ଦୂରର କଥା ଆଡ଼ ନୟନରେ ସୁଦ୍ଧା ଅନାଇବ ନାହିଁ, ବରଂ କ୍ଷୁଧାରେ ସଢ଼ିସଢ଼ି ପ୍ରାଣକୁ ତ୍ୟାଗ କରିଦେବ କିନ୍ତୁ ମିଷ୍ଟ ପଦାର୍ଥକୁ କେବେ ମଧ୍ୟ ସ୍ପର୍ଶ କରିବ ନାହିଁ । ଠିକ୍ ସେହିପରି ଗାଈ ଗୋରୁଙ୍କୁ ମଧ୍ୟ କେତେଦିନ ଉପବାସରେ ରଖି କୌଣସି ଅବିବେକୀ ପୁରୁଷ ଯଦି ତାଙ୍କୁ ମତ୍ସ୍ୟମାଂସାଦି ଖାଇବାକୁ ଦେବ, ତଥାପି ଗାଈ ସେମାଂସକୁ କେବେ ମଧ୍ୟ ଛୁଇଁବ ନାହିଁ । କାରଣ ସିଂହର ପ୍ରାକୃତିକ ଭୋଜନ ହେଉଛି ଯେପରିମାଂସ ଠିକ୍ ସେହିପରି ଗାଈଗୋରୁ ମାନଙ୍କ ପ୍ରାକୃତିକ ଖାଦ୍ୟ ହେଉଛି କୁଣ୍ଡା, ଘାସ ତଥା ପାଳ ପ୍ରଭୃତି । ସେମାନେ ପଶୁ ହୋଇଥିଲେ ମଧ୍ୟ ଖାଦ୍ୟକୁ କେବେ ପରିବର୍ତ୍ତନ କରି ନଥାନ୍ତି । ଏଥିପାଇଁ ସେମାନେ ମୂକ ହୋଇଥିଲେ ମଧ୍ୟ ନିୟମକୁ ଉଲ୍ଲଂଘନ କରୁନଥିବାରୁ ସେମାନଙ୍କୁ ଧନ୍ୟବାଦ ଦେବା କଥା । ଯେଣୁ ସେମାନେ ପ୍ରକୃତ ନିୟମକୁ ଉଲ୍ଲଂଘନ ନକରି ପ୍ରାଣକୁ ଉତ୍ସର୍ଗ କରିଦେଇ ଥାଆନ୍ତି । ତେଣୁ ଶତ ଧିକ୍କାର ସେହି ଜିହ୍ୱା ଲାଳସୀ ନରପିଶାଚଙ୍କୁ ଯେଉଁମାନେ ନିଜ ନିଜ ପ୍ରାକୃତିକ ନିୟମକୁ ଉଲ୍ଲଂଘନ ନକରି ସ୍ୱାଭାବିକ ଭୋଜନ ଦୁଧ ଦହି

ଫଳମୂଳ ଅନ୍ନ ପ୍ରଭୃତି ଦ୍ୱାରା ତୃପ୍ତ ନହୋଇ ହାଡ଼ ଚର୍ବଣ କରିବା ସଙ୍ଗେ ସଙ୍ଗେ ମତ୍ସ୍ୟମାଂସ ମଧ୍ୟ ଭୋଜନ କରିଥାନ୍ତି, ତଦ୍ଦ୍ୱାରା ନିରପରାଧ ପଶୁ-ପକ୍ଷୀ ତଥା ଜୀବ ଜନ୍ତୁ ଗୁଡ଼ିକୁ ହତ୍ୟା କରି ଉଦର ପୂରଣ କରିବା ସହିତ ଆନନ୍ଦିତ ମଧ୍ୟ ହୋଇଥାନ୍ତି ।

୨. କୁକୁର ବିଲୁଆ, ବିରାଡ଼ି କୋକି ଶିଆଳି, ହେଟାବାଘ, ବ୍ୟାଘ୍ର ସିଂହ ପ୍ରଭୃତି ହିଂସ୍ର ଜନ୍ତୁ ମାନଙ୍କୁ ପ୍ରକୃତି ମାତା ମାଂସ ଖାଇବା ଉଦ୍ଦେଶ୍ୟରେ ବୋଧେ ଲମ୍ବ ଲମ୍ବ ଦାନ୍ତ ତତ୍ ସହିତ ତୀକ୍ଷ୍ଣ ଅତିତୀକ୍ଷ୍ଣ ନଖମାନ ମଧ୍ୟ ପ୍ରଦାନ କରିଛନ୍ତି । ନିଜ ଶରୀରର ଅସ୍ତ୍ର ଶସ୍ତ୍ର ଦ୍ୱାରା ସେମାନେ ସ୍ୱଳ୍ପ ସମୟ ମଧ୍ୟରେ ଅନାୟାସରେ ଅନ୍ୟ ପ୍ରାଣୀମାନଙ୍କ ମାଂସ ବାହାର କରି ଉଦର ପୂରଣ କରିଥାଆନ୍ତି । କିନ୍ତୁ ପ୍ରକୃତିମାତା ମନୁଷ୍ୟକୁ ସେପରି ତୀକ୍ଷ୍ଣ ତଥା ଲମ୍ବଦାନ୍ତ ଏବଂ ମୁନିଆଁ ନଖ ମଧ୍ୟ ପ୍ରଦାନ କରି ନାହାନ୍ତି । ତେଣୁ ମନୁଷ୍ୟ ଗୃକୁ ଛୁରୀ ଆଦିର ସହାୟତା ନନେଲେ କୌଣସି ପ୍ରାଣୀର ମାଂସ ବାହାର କରିପାରେ ନାହିଁ । ଏଥିରୁ ସ୍ପଷ୍ଟରୂପେ ପ୍ରତିପାଦିତ ହେଉଛି ଯେ ମାଂସ ଭକ୍ଷଣ ପ୍ରକୃତରେ ମାନବିକତାର ବିରୁଦ୍ଧାଚରଣ କରୁଛି । ତେଣୁ ମନୁଷ୍ୟର ସ୍ୱାଭାବିକ ଭୋଜନ କେବେ ମଧ୍ୟ ମାଂସ ହୋଇପାରିବ ନାହିଁ ।

୩. ଚିଲ, କୁଆ, ବାଜପକ୍ଷୀ, ଛଞ୍ଚାଣ ପ୍ରଭୃତି ପକ୍ଷୀମାନଙ୍କୁ ମଧ୍ୟ ପ୍ରକୃତିମାତା ଲମ୍ବଲମ୍ବ ମୁନିଆଁ ଥଣ୍ଟ ତଥା ଗ୍ରୀବାମଧ୍ୟ ପ୍ରଦାନ କରିଛନ୍ତି । ତଦ୍ଦ୍ୱାରା ଅତି ସହଜରେ ବା ଅନାୟାସରେ ସେମାନେ ମାଂସକୁ ଖାଇଥାଆନ୍ତି । ଏହାର ବିପରୀତ କପୋତର ଥଣ୍ଟକୁ ଦେଖନ୍ତୁ, ତାହା କେବଳ ଧାନ-ଚାଉଳ, ମୁଗ-ବିରି ପ୍ରଭୃତି ଶସ୍ୟଗୁଡ଼ିକୁ ଅନାୟାସରେ ଗ୍ରହଣ କରିବାରେ ସାମର୍ଥ୍ୟଶୀଳ ହୋଇଥାଆନ୍ତି । ଠିକ୍ ସେହିପରି ଫଳକୁ ବିଦାରଣ କରି ସହଜରେ ଖାଇବା ପାଇଁ ଶୁଆର ଥଣ୍ଟକୁ ପ୍ରକୃତି ସେପରି କରି ପ୍ରଦାନ କରିଛି । ହଂସ ଥଣ୍ଟର ଏକ ବିଶେଷତ୍ୱ ହେଉଛି ଗୋରସରେ ପାଣି ମିଶ୍ରିତ ହୋଇଥିଲେ ସେ ପାଣିକୁ ପରିତ୍ୟାଗ କରି କେବଳ ଗୋରସକୁ ଖାଇଦେଇଥାଏ । ପୁଣି କୁକୁଡା ଥଣ୍ଟର ଏକ ବିଶେଷତ୍ୱ ହେଉଛି ଯେ ମାଟି ଧୂଳି ମିଶ୍ରିତ କ୍ଷୁଦ୍ରାତିକ୍ଷୁଦ୍ର ଶସ୍ୟକୁ ତଥା କୀଟ ଗୁଡ଼ିକୁ ବାଛି ବାଛି ଖାଇଯାଇଥାଏ । କଲିକତାରେ ଅବସ୍ଥିତ ଚିଡିଆ ଖାନାକୁ ଯେଉଁମାନେ ଯାଇଥିବେ, ସେମାନେ ପ୍ରାୟ ଦେଖିଥିବେ ଯେ ବିଶାଳକାୟ ପକ୍ଷୀଟିଏ ପ୍ରାୟ ଜଳାଶୟ ନିକଟରେ ଠିଆ ହୋଇ ରହିଥାଏ । ତାର କଣ୍ଠ ପ୍ରଦେଶରେ ଚମଡ଼ାର ଏକ ଥଳି ଲାଖି ରହିଛି । ସେ ଜଳାଶୟରୁ ମାଛଗୁଡ଼ିକୁ ଧରି ସେହି ଥଳିରେ ଭର୍ତ୍ତି କରି ରଖିଥାଏ । ଯେତେବେଳେ ତାର ଇଚ୍ଛା ହୁଏ ତହିଁରୁ ଆବଶ୍ୟକତାନୁସାରେ ବାହାରକରି ସେ ଖାଇଥାଏ । ଗରୁଡ଼ ଓ ମୟୂର ପକ୍ଷୀର ଥଣ୍ଟରେ ମଧ୍ୟ ଏକ ବୈଶିଷ୍ଟ୍ୟ ରହିଛି, ଯଦ୍ଦ୍ୱାରା ସେମାନେ ବିଷଧର ସର୍ପକୁ ମଧ୍ୟ ମାରି ଖାଇଦେଇଥାନ୍ତି । ଏହିପରି ପେଗ୍ ନୀଳକଣ୍ଠ ଶକୁନପକ୍ଷୀ ତଥା ଛୋଟ ଛୋଟ ରଙ୍ଗ ବେରଙ୍ଗର ବୁଲ୍‌ବୁଲ୍ ପକ୍ଷୀର ଥଣ୍ଟ ମଧ୍ୟ କୀଟ ପତଙ୍ଗକୁ ଅନାୟାସରେ ମାରି ଖାଇବାର ସାମର୍ଥ୍ୟ ଅର୍ଜନ କରିଥାଏ । ଯଦି ପ୍ରକୃତିମାତା ମନୁଷ୍ୟକୁ ମଧ୍ୟ ମାଂସାହାରୀ କରିବାକୁ ଚାହିଁଥାନ୍ତେ ତେବେ ତାକୁ ମଧ୍ୟ ଗୃଧ୍ରପରି ଲମ୍ବଗ୍ରୀବା ଦେଇଥାନ୍ତେ । ତଦ୍ଦ୍ୱାର ସେ ମନୁଷ୍ୟ ମଧ୍ୟ ଯେକୌଣସି ମୃତ୍ୟୁ ବରଣ କରିଥିବା ପଶୁର ପେଟରେ ବେକକୁ ପୂରାଇ ମାଂସ ଆଣି ତାକୁ ତତ୍‌କ୍ଷଣାତ୍ ଗିଳି ଦେଉଥାନ୍ତା । ହେ ମାଂସ ଭକ୍ଷଣ କାରୀ

ମନୁଷ୍ୟ ଗଣ ! ମାନବିକତାର ମର୍ଯ୍ୟାଦା ବା ସମ୍ମାନକୁ କେବେ ମଧ୍ୟ ଲୁଲୁଣ୍ଠିତ କର ନାହିଁ । ବରଂ ମାନବିକତାର ଦିଗ୍‌ଦର୍ଶନ କରାଅ । ପରମପିତା ପରମାତ୍ମା ସବୁଠାରୁ ଶ୍ରେଷ୍ଠ ମନୁଷ୍ୟ ଜନ୍ମ ତୁମ୍ଭମାନଙ୍କୁ ହିଁ ଦେଇଛନ୍ତି । ତେଣୁ ଅଚିରେ ଆସୁରୀ ପ୍ରବୃତ୍ତିକୁ ଶୀଘ୍ର ତ୍ୟାଗ କର । ହେ ପରମାତ୍ମାଙ୍କ ପ୍ରିୟ ପୁତ୍ରଗଣ ! ନିରୀହ ପଶୁ ପକ୍ଷୀମାନଙ୍କର ମାଂସକୁ ଖାଇ କେବେହେଁ ରାକ୍ଷସ ପଦବାଚ୍ୟ ହୁଅ ନାହିଁ ।

୪. ସତରେ ମନୁଷ୍ୟର ସ୍ୱାଭାବିକ ଭୋଜନ ଯଦି ମାଂସ ହୋଇଥାଆନ୍ତା ତେବେ ମନୁଷ୍ୟ ମାଂସରେ ଲୁଣ, ଲଙ୍କା, ମରିଚ, ହଳଦୀ ମସଲା, ହିଙ୍ଗୁ ପୁଣି ଗରମ ମସଲା ବ୍ୟବହାର କେବେ ମଧ୍ୟ କରନ୍ତା ନାହିଁ । ପୁଣି ପିଆଜ ରସୁଣ ଅତ୍ୟଧିକ ତେଲ ଘିଅର କଡ଼େଇରେ ପାଗ କରିବାର ଆବଶ୍ୟକତା ଆବଶ୍ୟକ ହେଉନଥାଆନ୍ତା । ଯେଣୁ କୁଆ, ଚିଲ, ବାଜପକ୍ଷୀ, ବିଲୁଆ, ଶାଗୁଣା କୋକିଶିଆଳି ତଥା କୁକୁର ବାଘ ସିଂହ ପ୍ରଭୃତି କେବେ ମଧ୍ୟ ମାଂସକୁ କଡ଼ାଇରେ ପାକ କରି ଖାଆନ୍ତି ନାହିଁ । ମାଂସାହାରୀ ଲୋକଙ୍କୁ ମୋର ବିନମ୍ର ନିବେଦନ ସେମାନେ କୁକୁର ଓ ଗୃଧ୍ରପକ୍ଷୀଙ୍କୁ ଗୁରୁରୂପେ ବରଣ କରି, ସେମାନଙ୍କ ଠାରୁ ଶିକ୍ଷା ଗ୍ରହଣ କରି ନିକୃଷ୍ଟମାଂସକୁ କେବେ ମଧ୍ୟ ଭୋଜନ କରନ୍ତୁ ନାହିଁ ।

୫. ପ୍ରକୃତି ମାତା ସତରେ ଯଦି ମନୁଷ୍ୟମାନଙ୍କୁ ମାଂସାହାରୀ କରିଥାଆନ୍ତେ ତେବେ ସେମାନଙ୍କର ଦାନ୍ତ କେବେ ମଧ୍ୟ ମାଙ୍କଡ଼ ମାନଙ୍କ ଦାନ୍ତ ସହିତ ସମାନ ହୋଇନଥାନ୍ତା । ମାଙ୍କଡ଼ ଭୁଲ୍‌ରେ ସୁଦ୍ଧା କେବେ ମାଂସ ଖାଏ ନାହିଁ । ମାଙ୍କଡ଼ର ଲାଂଜ ବ୍ୟତୀତ ମନୁଷ୍ୟ ଓ ମାଙ୍କଡ଼ମାନଙ୍କର ଶରୀରରେ ସଂପୂର୍ଣ୍ଣଭାବେ ସମାନତା ବା ସାମ୍ୟତା ରହିଛି । ହେଲେ ମଧ୍ୟ ମାଙ୍କଡ଼ମାନେ କେବେ ମଧ୍ୟ ମାଂସ ଖାଆନ୍ତି ନାହିଁ । ଓଟ ଗଧ ଘୋଡ଼ା ମେଣ୍ଢା ଛେଳି ଗାଈଗୋରୁ ମହିଁଷି ନୀଳଗାଈ, ବରାହ, ହରିଣ, ସମ୍ବର ଗଣ୍ଡା ତଥା ହାତୀର ଦାନ୍ତ ତଥା ମନୁଷ୍ୟର ଦାନ୍ତ ଏସବୁ ଏକପ୍ରକାରେ ନିର୍ମିତ ହୋଇଛି । ଦ୍ୱିତୀୟତଃ ଉପର୍ଯ୍ୟୁକ୍ତ ପଶୁଗୁଡ଼ିକର ଦନ୍ତପଂକ୍ତି ସେମାନଙ୍କ ଶରୀରର ଆକୃତି ଅନୁସାରେ ଛୋଟ ବଡ଼ ହେଲେ ମଧ୍ୟ ସେମାନଙ୍କ ଗଠନ ମନୁଷ୍ୟ ମାନଙ୍କର ଦାନ୍ତ ଭଳି ନିର୍ମିତ ହୋଇଛି । ଏ ସମସ୍ତ ପଶୁଗୁଡ଼ିକ ଘାସ ତଥା ଶସ୍ୟ ମଧ୍ୟ ଖାଇଥାନ୍ତି । ଏମାନଙ୍କ ମଧ୍ୟରେ କେହି କେବେ ମଧ୍ୟ ମାଛ କିମ୍ବା ମାଂସ ଖାଇନଥାନ୍ତି । ଏପରି ସ୍ଥଳେ ମାଛ ମାଂସ ଖାଇବାର ଅଧିକାର ମନୁଷ୍ୟ ପାଇଲା କେଉଁଠୁ ?

୬. କୁକୁର ବାଘ ବିରାଡି ସିଂହ ପ୍ରଭୃତି ପ୍ରତ୍ୟେକ ପ୍ରାଣୀ ଜନ୍ମ ହେବା ସମୟରେ ସେମାନଙ୍କ ଚକ୍ଷୁଦ୍ୱୟ ବନ୍ଦ ହୋଇ ରହିଥାଏ । କିଛିଦିନ ପରେ ତାହା ଖୋଲିଥାଏ । ଏମାନଙ୍କ ବ୍ୟତିରେକେ ମାଂସ ଖାଉ ନଥିବା ପ୍ରାଣୀ ଛେଳି, ମେଣ୍ଢା, ଗାଈଗୋରୁ, ମହିଁଷୀ ଓଟ ଘୋଡା ହାତୀ ପ୍ରଭୃତି ଯେତେବେଳେ ଜାତ ହୁଅନ୍ତି ସେତେବେଳେ ସେମାନଙ୍କ ଚକ୍ଷୁଦ୍ୱୟ ଖୋଲା ରହିଥାଏ । ମନୁଷ୍ୟର ନେତ୍ରଦ୍ୱୟ ମଧ୍ୟ ଜନ୍ମ ସମୟରେ ଖୋଲା ରହିଥାଏ । ତେଣୁ ଏଥିରୁ ମଧ୍ୟ ସ୍ପଷ୍ଟ ରୂପେ ପ୍ରତିପାଦିତ ହେଉଛି ଯେ ମନୁଷ୍ୟ କେବେ ମଧ୍ୟ ମାଂସାଶୀ ପ୍ରାଣୀ ହୋଇନପାରେ ।

୭. ମାଂସାହାରୀ ଜୀବଜନ୍ତୁ ଗୁଡ଼ିକ ପାଣି ପିଇବା ସମୟରେ ଜିଭରେ ଚାଟି ଚାଟି ବିଳମ୍ବକରି ପାଣି ପିଇଥାନ୍ତି । କିନ୍ତୁ

ତୃଣ ଭୋଜୀ ପ୍ରାଣୀ ମାତ୍ରକେ ଓଠଦ୍ୱାରା ଚୋକି ଚୋକି ଆନନ୍ଦର ସହିତ ପାଣିକୁ ପିଇଥାନ୍ତି । ମନୁଷ୍ୟମାନେ ମଧ୍ୟ ଓଠ ଲଗାଇ ପାଣି ପିଇଥାନ୍ତି । ଜିଭ ସାହାଯ୍ୟରେ ସେମାନେ କେବେ ମଧ୍ୟ ପାଣି ପିଅନ୍ତି ନାହିଁ । ଏଥିରୁ ମଧ୍ୟ ସ୍ପଷ୍ଟ ଭାବେ ପ୍ରତିପାଦିତ ହେଉଛି ଯେ ମନୁଷ୍ୟ କେବେ ମଧ୍ୟ ମାଂସାଶୀ ପ୍ରାଣୀ ନୁହେଁ । ଦୁର୍ଲଭ ମନୁଷ୍ୟ ଜନ୍ମ ଲାଭ କରି ମଧ୍ୟ ଯେଉଁ ବ୍ୟକ୍ତିମାନେ ମାଂସ ଖାଇଥାନ୍ତି ସେମାନେ ନିର୍ଦ୍ଦୟ ବୋଲି ବିବେଚିତ ହୋଇଥାନ୍ତି ।

୮. ମାଂସାଶୀ ପ୍ରାଣୀମାତ୍ରକେ ସେ ସମସ୍ତଙ୍କ ନେତ୍ରଦ୍ୱୟର ପିତୁଳା (ପୁତୁଲି) ନୀଳ ରଙ୍ଗର ହୋଇଥାଏ । କିନ୍ତୁ ନିରାମିଷାଶୀ ପଶୁମାନଙ୍କର ନେତ୍ର ପିତୁଳା ରଙ୍ଗ କଳା ହୋଇଥାଏ । ଆଖିର ପିତୁଳା ମଧ୍ୟ କଳା ରଙ୍ଗର ହିଁ ହୋଇଥାଏ । ଏଥିରୁ ମଧ୍ୟ ସିଦ୍ଧ ହେଉଛି ଯେ ମନୁଷ୍ୟ କେବେ ମଧ୍ୟ ମାଂସାହାରୀ ହୋଇନପାରେ । କିନ୍ତୁ ୟୁରୋପିୟନ୍ ଲୋକଙ୍କ ଆଖି ହେଉଛି ଏହାର ବ୍ୟତିକ୍ରମ ।

୯. ମାଂସାହାରୀ ଜୀବଜନ୍ତୁ ଅର୍ଥାତ୍ କୁକୁର, ବାଘ, ବିରାଡି, ସିଂହ ପ୍ରଭୃତିଙ୍କ ଶରୀରରୁ କେବେ ମଧ୍ୟ ଝାଳ ପ୍ରବାହିତ ହୋଇନଥାଏ । ଯଦି କେବେ ସେମାନଙ୍କୁ ଖରା ବାଧିଥାଏ ବା ଗରମ ହୋଇଥାଏ ତେବେ ସେତେବେଳେ ସେମାନେ ନିଜ ନିଜର ଜିଭକୁ ବାହାରକୁ କାଢ଼ି ଦେଇଥାନ୍ତି । ସେତେବେଳେ ସେମାନଙ୍କ ଜିହ୍ୱାରୁ ବିନ୍ଦୁ ବିନ୍ଦୁ ହୋଇ ପାଣି ନିର୍ଗତ ହୋଇଥାଏ । ସେତେବେଳେ ସେମାନେ ଶୀଘ୍ର ଶୀଘ୍ର ଶ୍ୱାସ ନେଇ (ଧଇଁ ସଇଁ) ନିଜ ନିଜର ଉଷ୍ଣତାକୁ ଶାନ୍ତ କରିଥାନ୍ତି । କିନ୍ତୁ ଓଟ, ଘୋଡ଼ା, ଗାଈବଳଦ, ହାତୀ ପ୍ରଭୃତିଙ୍କୁ ଯେତେବେଳେ ଗରମ ହୋଇଥାଏ ସେତେବେଳେ ସେମାନଙ୍କ ଶରୀରରୁ ଧାର ଧାର ହୋଇ ଝାଳହିଁ ବୋହିଥାଏ । ମନୁଷ୍ୟ ମଧ୍ୟ ଝାଳନୀଳଦ୍ୱାରା ତିନ୍ତି ଯାଇଥାଏ । ଏଣୁ ଏହାକୁ ଅନୁମାନ କରି ବିବେଚନା କରନ୍ତୁ ଯେ କୁକୁରପରି ମାଂସ ଖାଇବାରେ ଅଥବା ହାଡ଼ ଚୋବାଇବାରେ କେଉଁଥିରେ ମଧ୍ୟ ମନୁଷ୍ୟର ସାମାନ୍ୟ ମାତ୍ରାରେ ଅଧିକାର ନାହିଁ ।

୧୦. ମାଂସ ଖାଉଥିବା ପ୍ରତ୍ୟେକ ଜୀବଜନ୍ତୁ ଅନ୍ଧକାର ରାତିରେ ମଧ୍ୟ ଭଲଭାବରେ ଦେଖି ପାରନ୍ତି । ଅନ୍ଧକାରରେ ମଧ୍ୟ ସେମାନଙ୍କର ନେତ୍ରଦ୍ୱୟ ଜାଜ୍ୱଲ୍ୟମାନ ହୋଇ ଦେଖା ଯାଇଥାଏ, କିନ୍ତୁ ନିରାମିଷାଶୀ ପଶୁ କିମ୍ବା ପକ୍ଷୀ ଅନ୍ଧକାରରେ ଭଲଭାବରେ ଦେଖି ପାରନ୍ତି ନାହିଁ । ଅନ୍ଧକାରରେ ସେମାନଙ୍କ ନେତ୍ରଦ୍ୱୟ ନିସ୍ତେଜ ହୋଇ ଯାଇଥାଏ । ଅନ୍ଧକାର ମଧ୍ୟରେ ମନୁଷ୍ୟର ଅବସ୍ଥା ମଧ୍ୟ ଠିକ୍ ସେହିପରି ହୋଇଥାଏ । ତେଣୁ ମନୁଷ୍ୟମାନଙ୍କ ପକ୍ଷରେ ମାଂସ ଭୋଜନ ହେଉଛି ଏକ ଅକ୍ଷମଣୀୟ ଅପରାଧ । ମାଂସ ଖାଉଥିବା ବ୍ୟକ୍ତିମାନେ ବୁଦ୍ଧି ଓ ବିଗ୍ରହ ଶକ୍ତିର ଶତ୍ରୁ ହୋଇଥାନ୍ତି ।

୧୧. ବିରାଡ଼ିର ଛୁଆ ଆଖି ଖୋଲିବା ମାତ୍ରକେ ପ୍ରଜାପତି ଓ କୀଟପତଙ୍ଗ ଗୁଡ଼ିକୁ ଗୋଡ଼େଇ ଗୋଡ଼େଇ ଧରି ମାରି ଖାଇଥାଏ । କିନ୍ତୁ ସେମାନଙ୍କ ବିପରୀତ ଗାଈ ଘୋଡ଼ାର ଛୁଆମାନେ ଘାସ ଖାଇବାରେ ମନୋନିବେଶ କରିଥାନ୍ତି । ଠିକ୍ ସେହିପରି ମନୁଷ୍ୟମାନଙ୍କର ସନ୍ତାନ ସନ୍ତତିମାନେ ଜନ୍ମ ଗ୍ରହଣ କଲାପରେ ମାତୃ ସ୍ତନ୍ୟପାଇଁ ଅଞ୍ଜଳି ହୋଇଥାନ୍ତି । ଏହାହିଁ ହେଉଛି ସ୍ୱାଭାବିକ ଆହାରର ବିଶେଷତ୍ୱ । କେହି କେବେ ମଧ୍ୟ ଏହାର ଖଣ୍ଡନ କରିପାରିବେ ନାହିଁ । ଯେଉଁ ଘରର ସମସ୍ତେ ମାଛ ମାଂସ ଖାଇଥାନ୍ତି ସେହି ଘରର କୌଣସି ଜଣେ ଛୋଟ ବାଳକର ଆଗରେ ଦିଓଟି ଆଳି ପରୀକ୍ଷା କରିବା ଉଦ୍ଦେଶ୍ୟରେ

ରଖି ଦିଅନ୍ତୁ । ଗୋଟିଏ ଥାଳିରେ ମୃତବେଙ୍ଗ ମାଛ ମାଂସ କୀଟ ପତଙ୍ଗଙ୍କୁ ସଜାଇ ରଖି ଦିଅନ୍ତୁ । ପୁଣି ଅନ୍ୟ ଏକ ଥାଳିରେ ମିଠାଇ, ଜିଲେବି, ପେଡା ରସ ଗୋଲା ଅଙ୍ଗୁର ସେଉ କଦଳୀ ପ୍ରଭୃତିକୁ ସଜାଇ ରଖନ୍ତୁ । ଉଭୟ ଥାଳିକୁ ନେଇ କୌଣସି ଜଣେ ଶିଶୁର ସମ୍ମୁଖ ଭାଗରେ ରଖିଦିଅନ୍ତୁ । ଦେଖିବେ ଶିଶୁ ପ୍ରଥମ ଥାଳି ପ୍ରତି ଆକୃଷ୍ଟ ନ ହୋଇ ଆତଙ୍କିତ ହୋଇଯିବ । କିନ୍ତୁ ଦ୍ୱିତୀୟ ଥାଳିରେ ଥିବା ଫଳ ଓ ମିଠାଇକୁ ଆନନ୍ଦର ସହିତ ହସି ହସି ଉଠାଇନେବ । ଯେବେ ଅଜ୍ଞାନ ଅବୋଧ ଶିଶୁ ମଧ୍ୟ ମାଂସକୁ ଘୃଣା କରୁଛି, ତେବେ ମାଂସଖାଇବା ବିଷୟକୁ ଅଜ୍ଞତା ମୂର୍ଖତା ନକହି ଅନ୍ୟ କଅଣ ବା କୁହାଯିବ ? ହେ ମୋର ଶିକ୍ଷିତ ଆତ୍ମୀୟ ବନ୍ଧୁଗଣ ! ମୂର୍ଖତାକୁ ପରିହାର କରି ଆଜିଠାରୁ ମାଂସ ଖାଇବାର ଇଚ୍ଛାକୁ ହୃଦ୍‌ଦେଶରୁ ବିତାଡିତ କରିଦିଅନ୍ତୁ ।

୧୨. ପ୍ରାୟଶଃ ଦେଖିବାକୁ ମିଳିଥାଏ ଯେ ବଡ଼ ବଡ଼ ସହର ମାନଙ୍କରେ ଥିବା ମାଂସ ଦୋକାନ ମାନଙ୍କରେ ଲୁହାର ଜାଲିଥିବା ପରଦାମାନ ଲଗାଯାଇଥାଏ । ଅନବରତ ସେ ସ୍ଥାନରୁ ଦୁର୍ଗନ୍ଧ ଜାତ ହୋଇଥାଏ । କିନ୍ତୁ ମିଷ୍ଟାନ୍ନ ବା ଫଳ ଦୋକାନକୁ ସଭିଙ୍କର ଯେପରି ଦୃଷ୍ଟି ପଡ଼ିବ ତାପାଇଁ ସର୍ବଦା ଖୋଲା ରଖା ଯାଇଥାଏ । କାରଣ ପାପକର୍ମ ମାତ୍ରକେ ଲୁକ୍କାୟିତ ଭାବେ କରାଯାଇଥାଏ । କିନ୍ତୁ ଧାର୍ମିକ ବା ଉତ୍ତମ କାର୍ଯ୍ୟ କଳାପକୁ ଢ଼େଙ୍ଗୁରା ବାଡ଼େଇ ସଭିଙ୍କ ସମ୍ମୁଖ ଭାଗରେ ହିଁ କରାଯାଇଥାଏ । ମାଂସ ଦୋକାନର ବାତାବରଣକୁ ଦେଖିବା ମାତ୍ରକେ ମନ ମଧ୍ୟରେ ତତ୍ କ୍ଷଣାତ୍ ଘୃଣାଭାବ ଜାତ ହୋଇଥାଏ । ତେଣୁ ତାକୁ ଦେଖିବା ପାଇଁ ଇଚ୍ଛାଜାତ ହୋଇନଥାଏ । କିନ୍ତୁ ତାର ବିପରୀତ ମିଷ୍ଟାନ୍ନ ଦୋକାନ ଗୁଡ଼ିକ ସୁନ୍ଦର, ସୁସଜ୍ଜିତ ଓ ଆକର୍ଷକ ମଧ୍ୟ ହୋଇଥାଏ । ଠିକ୍ ସେହିପରି ସୁସଜ୍ଜିତ ଫଳଦୋକାନ ଗୁଡ଼ିକୁ ଦେଖିବା ମାତ୍ରକେ ମନ ମଧ୍ୟରେ ଆନନ୍ଦର ବାତାବରଣ ସୃଷ୍ଟି ହୋଇଥାଏ । ପୁନଶ୍ଚ ସେହି ସୌନ୍ଦର୍ଯ୍ୟକୁ ଦେଖିବା ନିମିତ୍ତ ଆଖି ଦିଓଟି କିଛି ସମୟ ପାଇଁ ଲାଖି ହୋଇ ରହିଯାଏ । ଏ ସବୁ ମହନୀୟ ଉଦାହରଣ ମାନଙ୍କରୁ ମାଂସାଶୀ ବ୍ୟକ୍ତିମାନେ କିଛି ନା କିଛି ଶିକ୍ଷା ଗ୍ରହଣ କରିବା ଏକାନ୍ତ ଆବଶ୍ୟକ ।

୧୩. ମାଂସାହାରୀ ଯେ କୌଣସି ପ୍ରାଣୀ ହେଉନା କାହିଁକି ସର୍ବଦା ସେ ଶଙ୍କିତ ହୋଇ ରହିଥାଏ । ପୁନଶ୍ଚ ସେମାନଙ୍କ ହୃଦୟାଭ୍ୟନ୍ତରରେ ଛଳ, କପଟ, ଚଞ୍ଚଳତା, ଧୂର୍ତ୍ତତା, କ୍ରୁରତା, କୁଟିଳତା ଓ କାମୁକତା ସର୍ବଦା ପରିପୂର୍ଣ୍ଣ ହୋଇ ରହିଥାଏ । ଉଦାହରଣ ସ୍ୱରୂପ- ବିରାଡ଼ି, ବଗ, ସିଂହ, ଶୃଗାଳ, ଝିଟିପିଟି ସର୍ପ ତଥା କୁଆର କାର୍ଯ୍ୟ କଳାପକୁ ଦେଖନ୍ତୁ । ଶାକାହାରୀ ପ୍ରାଣୀ ମାତ୍ରକେ ସଦା ସର୍ବଦା ନିର୍ଭୟ ଓ ନିର୍ବୈର ହୋଇ ରହିଥାନ୍ତି । ଯେଣୁ ସେମାନଙ୍କ ଶରୀରରେ ସାହସ, ସନ୍ତୋଷ, ସହନଶୀଳତା, ବୀରତା ତଥା ଗମ୍ଭୀରତା ଶିରା ପ୍ରଶିରାରେ ଭରପୂର ହୋଇ ରହିଥାଏ । ଉଦାହରଣ ସ୍ୱରୂପ- ବଳଦ, ଗାଈ, ଓଟ, ହାତୀ ତଥା ଅଶ୍ୱର ଗତିବିଧିକୁ ଥରେ ନିରୀକ୍ଷଣ କରି ଦେଖନ୍ତୁ । ମାଂସାହାରୀ ପ୍ରାଣୀ ମାତ୍ରକେ ବିଶ୍ୱାସ ଘାତକ ହୋଇଥାନ୍ତି । କିନ୍ତୁ ତୃଣ ଭୋଜୀ ପ୍ରାଣୀମାନେ ବିଶ୍ୱାସ ଓ ସ୍ନେହର ଜୀବନ୍ତ ଓ ଜାଗ୍ରତ ସ୍ୱରୂପ ହୋଇଥାନ୍ତି । ଏ ସକଳ ବିଷୟ ବସ୍ତୁକୁ ଗଭୀରଭାବେ ଯଦି ବିବେଚନା କରି ଦେଖିବା ତେବେ ମନୁଷ୍ୟ ମାଛ-ମାଂସ ଭୋଜନ କରିବା କେବେ ମଧ୍ୟ ଉଚିତ ନୁହେଁ । ଏହା ନିଶ୍ଚିତଭାବେ ଅବଗତ ହେବ ।

**(କ୍ରମଶଃ)**

# ଏକାକୀ ହିଁ କର୍ମଶୀଳ ହୋଇ ଈଶ୍ୱର ପ୍ରାପ୍ତି କର

ଉମେଶଚନ୍ଦ୍ର ମନସ୍ୱୀ

**ଯୁଧ ଏକଃ ସଂସୃଜତି ଯୋ ଅସ୍ୟା ଏକ ଇଦ୍‌ବଶୀ ।**
**ତରାଂସି ଯ୍ୟା ଅଭବନ୍ତରସାଂ ଚକ୍ଷୁରଭବତ୍‌ବଶୀ ।** (ଅଥର୍ବ ୧୦.୧୦.୨୪)

**ପଦାର୍ଥ :-** (ଯଃ) ଯେଉଁ ସାଧକ (ଅସ୍ୟାଃ) ପରମାତ୍ମାଙ୍କ ଶକ୍ତିକୁ (ଏକ ଇଦ୍‌ବଶୀ) ଏକାକୀ, ଏକାନ୍ତସ୍ଥାନରେ ଯୋଗାଭ୍ୟାସ ଦ୍ୱାରା ବଶୀ ଅର୍ଥାତ୍ ନିଜର ଆୟତ୍ତରେ କରି ନିଅନ୍ତି, ସେ ଏକଃ ଏକାକୀ ହିଁ (ଯୁଧଃ) ଭ୍ରଷ୍ଟାଗ୍ର, ଦୁରାଗ୍ରହ ବିରୁଦ୍ଧରେ ଯୁଦ୍ଧ, ସଂଘର୍ଷ (ସଂସୃଜତି) ଆରମ୍ଭ କରନ୍ତି । (ଯଜ୍ଞାଃ) ସମସ୍ତ କର୍ମଠାରୁ ଉତ୍ତମ କର୍ମ ଯଜ୍ଞ (ତରାଂସି) ଜୀବନ ରୂପୀ ସଂଗ୍ରାମକୁ ପାରି କରିବା ପାଇଁ (ଅଭବନ୍) ସହାୟକ ହୋଇଥାନ୍ତି । (ବଶୀ) ପରମାତ୍ମାଙ୍କ କୃପାକାରୀ (ତରସ୍ୱାତ୍) ଯୋଗୀଜନଙ୍କ ସହଯୋଗୀ ଯଜ୍ଞ ଦ୍ୱାରା (ଚକ୍ଷୁରଭବତ୍) ମାର୍ଗ ଦର୍ଶନ କରନ୍ତି ।

**ବ୍ୟାଖ୍ୟା :-** ଦେଖନ୍ତୁ ! ଜୀବନ ହେଉଛି ଏକ ସଂଘର୍ଷମୟ କ୍ଷେତ୍ର । ଯେଉଁମାନେ ଆସି ସଂଘର୍ଷଶୀଳ ହୋଇ ସଂଘର୍ଷମୟ ଜୀବନ ଯାପନ କର୍ମ କରିଥାନ୍ତି ସେମାନେ ଏ ଭବସାଗରରୁ ତରି ଯାଆନ୍ତି । ଏକାକୀ ଆସିଛି ଏକାକୀ ହିଁ ଜୀବ ଯିବ ଏଥିରେ କୌଣସି ସନ୍ଦେହ ନାହିଁ । ଏକାକୀ ମାନବ ବ୍ରହ୍ମାଣ୍ଡରେ ସବୁକିଛି ଉତ୍ତମକର୍ମ କରି ପ୍ରଭୁପ୍ରାପ୍ତି କରି ପାରିବ । ତିନିତାପରୁ ପାରି ହୋଇ ପାରିବ ପରମାତ୍ମା ଜୀବକୁ ଶକ୍ତି ସାମର୍ଥ୍ୟ ପ୍ରଦାନ କରିଛନ୍ତି ଏଣୁ କବି କହନ୍ତି :-

**ତୁହିଁ ଆପେ ଆପଣାକୁ ଚିହ୍ନରେ ମନ,**
**ନିଜକୁ ଚିହ୍ନିଲେ ଅଡୁଆ ତୁଟିବ,**
**ତୁଟିବ ଭବ ବନ୍ଧନରେ ମନ ॥**

ଯଦି ଆମେ ସହଯୋଗୀର ଖୋଜ କରିବା ତା ହେଲେ ଏପରି ସାଙ୍ଗ-ସାଥୀ ଖୋଜିବା ଯିଏ ଆମର ଅଭିନ୍ନ ମିତ୍ର ହୋଇଥିବ, କିନ୍ତୁ ସର୍ବଶକ୍ତିମାନ୍, ସର୍ବାନ୍ତର୍ଯ୍ୟାମୀ, ସମସ୍ତଙ୍କର ମିତ୍ର, ପରମେଶ୍ୱର ହିଁ ବାସ୍ତବିକ ମିତ୍ର ତାତ ଭ୍ରାତ ସବୁକିଛି ଅଟନ୍ତି । ତାଙ୍କରି ହିଁ ସ୍ତୁତି ଉପାସନା ପ୍ରାର୍ଥନା କରିବା ତାହେଲେ ସେ ଆମର ସର୍ବତ୍ର ରକ୍ଷକ ଭାବେ ଅନୁଭବ କରିବା ଓ ସଂଘର୍ଷମୟ ଜୀବନଯାପନ କରି ପ୍ରଭୁ ପ୍ରାପ୍ତିରେ ଆଗେଇ ଆସିବା ଓ ଆନନ୍ଦ ମନରେ କହିବା ନାଚି ଉଠିବା ।

**ତ୍ୱମେବ ମାତା ଚ ପିତା ତ୍ୱମେବ, ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ ।** **"ମୋ ଅସ୍ୟା ଏକ ଇଦ୍ ବଶୀ'** ଯେତେବେଳେ କୃଷ୍ଣଙ୍କ ଭଳି ଅର୍ଜୁନଙ୍କ ସାରଥି ହୋଇ ଯାଆନ୍ତି, ସେତେବେଳେ ସାଧକ **"ଏକଃ ଯୁଧଃ ସଂ ସୃଜତି"** ଏକାକୀ ହିଁ ଅନ୍ୟାୟ, ଅତ୍ୟାଗ୍ର, ଅଜ୍ଞାନରୂପୀ ବାହ୍ୟଶତ୍ରୁ, କାମ, କ୍ରୋଧ, ଲୋଭ ଆଦି ଆଭ୍ୟନ୍ତର ଶତ୍ରୁ ସହିତ ସଂଘର୍ଷ କରେ । ମନେ ରଖନ୍ତୁ - ଯିଏ ଈଶ୍ୱରଙ୍କୁ ଡରେ ସେ କାହାକୁ ଭୟ କରେ ନାହିଁ । ପ୍ରଭୁଙ୍କୁ ଲାଭ କରି ସାଧକର ପ୍ରତ୍ୟେକ କ୍ଷଣ ସହାୟକ ହୋଇଥାଏ । ଯେତେବେଳେ ସାଧକର ଗର୍ବ, ଅହଂକାର ଆସିଯାଏ, ସେତେବେଳେ ସେ ପତନମୁଖୀ ହୋଇ ଯାଏ । ତେଣୁ ବେଦ କହେ **"ତରାଂସି ଯଜ୍ଞା ଅଭବନ୍"** ।

ଯଜ୍ଞାଦି ଉତ୍ତମ କର୍ମ ପତନମୁଖୀ ସାଧକକୁ ଶକ୍ତି ସାମର୍ଥ୍ୟ ପ୍ରଦାନ କରି ପୁଣି ଉନ୍ନତି ଆଡ଼କୁ ନେଇ ଯାଏ । **"ତରାଂସି ଚକ୍ଷୁରଭବଦ୍‌ବଶୀ"** ପରମାତ୍ମାଙ୍କ ଶକ୍ତିକୁ ଚିହ୍ନି ସଦୈବ ଆଗକୁ ହିଁ ଗ୍ରସିଥାଏ । ସବୁଠୁଁ ଆତ୍ମିକ ବଳ ହିଁ ଶକ୍ତି ଅଟେ । ମହର୍ଷି ଦୟାନନ୍ଦ ଅମର ଗ୍ରନ୍ଥ ସତ୍ୟାର୍ଥ ପ୍ରକାଶରେ କହିଛନ୍ତି - ଈଶ୍ୱରଙ୍କୁ ଭକ୍ତି କଲେ ଆତ୍ମିକ ବଳ ବଢ଼େ । ଏପରି ବଳ ବଢ଼ିଯାଏ ପାହାଡ଼ ଭଳି ବିପତ୍ତି ଆସିଲେ ମଧ୍ୟ ସେ ଘାବରାଇବ ନାହିଁ । ଈଶ୍ୱର ଭକ୍ତିରେ ଏତିକି ବଳ ଶକ୍ତି ରହିଛି ତାହେଲେ **'ବଳମସି ବଳଂ ମହି ଧେହି'** ଜପ କରି ଆତ୍ମିକ ପଥର ପଥିକ ହେବା ।

# ପଥୁରୀ ରୋଗରୁ ମୁକ୍ତି ପାଆନ୍ତୁ ସହଜରେ

ଆଗ୍ରର୍ଯ୍ୟ ଉମେଶଚନ୍ଦ୍ର 'ମନସ୍ୱୀ'

ସଧାରଣତଃ ଆମେ ଖାଉଥିବା ଖାଦ୍ୟ ପାନୀୟରୁ ଶରୀରର ଆବଶ୍ୟକତୀୟ ତତ୍ତ୍ୱରୁ ଗ୍ରହଣ କରି ଅଦରକାରୀ ତତ୍ତ୍ୱରୁ ମଳ କିମ୍ବା ମୂତ୍ର ଦ୍ୱାରା ବାହାରକୁ ଛାଡ଼ିଦିଏ ତାହା ହେଉଛି ଆମ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ କିଡ୍‌ନି । ଏହା ଆମ ଶରୀରରେ ରକ୍ତ ସଫା କରିଥାଏ । ଏହି କିଡ୍‌ନିରେ ଯେତେବେଳେ ପଥୁରୀ ରୋଗ ହୋଇଯାଏ ସେତେବେଳେ କିଡ୍‌ନିରେ ଅଚଳ ହୋଇଯାଏ । ପଥୁରୀ ରୋଗ କିପରି ହୁଏ, ତାକୁ ଦୂର କରିବାର ଉପାୟ ଜଣ ଏ ସଂପର୍କରେ କେତେକ ପରୋଇ ଚିକିତ୍ସା ସହିତ ଆୟୁର୍ବେଦିକ ଉପାଗ୍ର ମଧ୍ୟ ଦିଆ ଯାଉଛି ଯଦ୍ୱାରା ସାଧାରଣ ଜନତା ମଧ୍ୟ ଉପକୃତ ହେବେ ବୋଲି ଆଶା ।

ଯେମିତି କିଛିଦିନ ଧରି ଗ୍ୱ ଛାଣିଲେ ଗ୍ୱ ଛଣାର ଛିଦ୍ରରେ ଗ୍ୱ ପତ୍ର ଲାଖିରହି ବନ୍ଦ ହୋଇଯାଏ । ସେହିପରି ଆମ ଶରୀରର ରକ୍ତ ଛାଣୁଥିବା କିଡ୍‌ନି ବି ଏଭଳି ସମସ୍ୟାର ସମ୍ମୁଖୀନ ହୁଏ । ଯଦି ଖାଦ୍ୟପେୟରେ ବହୁମାତ୍ରାରେ କ୍ୟାଲ୍‌ସିୟମ୍, ପୋଟାସିୟମ୍‌ର ଆକ୍‌ସଲେଟ୍ ୟୁରେଟ୍ ଆଦି ବ୍ୟବହୃତ ହୁଏ ତାହା ରକ୍ତରେ ରହି କିଡ୍‌ନିରେ ଛାଣିହେବା ବେଳେ ସେଥିରେ ଲାଖିଯାଏ ବହୁଦିନ ଧରି ଏଭଳି ହେଲେ ଅବରୋଧ ସୃଷ୍ଟି ହୁଏ । ଯାହାକୁ ଷ୍ଟୋନ୍ ବା ପଥୁରୀ ରୋଗ କୁହାଯାଏ । ଯେଉଁ ଯାଗା ମାନଙ୍କରେ ପାଣିରେ ଚୂନ ଭଳି ତତ୍ତ୍ୱ ଅଧିକ ମାତ୍ରାରେ ଥାଏ ସେହି ଅଞ୍ଚଳରେ ଅଧିକାଂଶ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଏହି ରୋଗୀମାନଙ୍କମଧ୍ୟରେ ଷ୍ଟୋନ୍ ଯେତେବେଳେ ଛୋଟ ଥାଏ ତାହା ଜଣା ପଡ଼େ ନାହିଁ କିନ୍ତୁ ବଡ଼ ହେଲା ପରେ ଏହା ଜଣାପଡ଼େ । ରୋଗୀକୁ ବହୁତ ଜୋରରେ କଷ୍ଟ ହୁଏ, ପେଟର ତଳ ଭାଗରେ ଅସହ୍ୟ ଯନ୍ତ୍ରଣା ହୁଏ ।

ଆୟୁର୍ବେଦରେ ଷ୍ଟୋନ୍‌ପାଇଁ ଅଶ୍ମରୀ ଶବ୍ଦର ପ୍ରୟୋଗ ହୁଏ । ଷ୍ଟୋନ୍ ଛୋଟ ଅବସ୍ଥାରେ ଥିଲେ ଆୟୁର୍ବେଦ ଦ୍ୱାରା ତାକୁ ମୂତ୍ର ରାସ୍ତାରେ ବାହାର କରିବା ପ୍ରଣାଳୀ ବହୁ ପ୍ରଚଳିତ । ଗୋକ୍ଷରୁ ଚୂର୍ଣ୍ଣ ୧.୫ ଗ୍ରାମ, କାକୁଡ଼ିମଞ୍ଜି ଚୂର୍ଣ୍ଣ ୧.୫ ଗ୍ରାମ ଏବଂ କୋଳଥ ଚୂର୍ଣ୍ଣ ୧.୫ ଗ୍ରାମ ମିଶ୍ରଣ କରି ସେବନ କରିବା ଦ୍ୱାରା ପଥୁରୀ ରୋଗର ଉପଶମ ହୁଏ । ଏହାଛଡ଼ା କୋଳଥ ଡାଲିକୁ ରାତିରେ ପାଣିରେ ବତୁରାଇ ସକାଳେ ସେହି ପାଣି ପିଇଲେ ପଥୁରୀ ରୋଗୀମାନଙ୍କ ପାଇଁ ହିତକର । ଏତଦ୍‌ବ୍ୟତୀତ ଗଜପତ୍ର (ପତରଗଜା)କୁ ଗ୍ରେବେରଳିମାଇ ଦ୍ୱାରା ପଥୁରୀ ରୋଗ ଦାଉରୁ ରକ୍ଷା ମିଳିଥାଏ । ଏହି ରୋଗ ଭୋଗୁଥିବା ରୋଗୀମାନେ ଟମାଟୋ, ପାଳଙ୍ଗ ଆଦି କମ୍ ଖାଇବା ଉଚିତ୍ । ତେବେ ଏସବୁ ଉପାୟ ଅବଲମ୍ବନ କଲାବେଳେ ଆୟୁର୍ବେଦିକ ଡ଼ାକ୍ତରଙ୍କ ପରାମର୍ଶ ନେବା ଉଚିତ୍ । ଆୟୁର୍ବେଦିକ ଡାକ୍ତରମାନେ ପରାମର୍ଶ ଦିଅନ୍ତି ଯେ ଯଦି ମୂତ୍ରାଶୟ ଏବଂ କିଡ୍‌ନିରେ ପଥୁରୀ ହୁଏ ତେବେ ଅଶ୍ମରୀହର ଚୂର୍ଣ୍ଣ ୫୦ ଗ୍ରାମ ତ୍ରିବିକ୍ରମ ରସ୍ ୧୦ ଗ୍ରାମ ହଜରୁଲ୍ ୟଶଦ ଭସ୍ମ ୧୦ ଗ୍ରାମ ଏ ଔଷଧଗୁଡିକୁ ମିଶ୍ରଣ କରି ଷାଠିଏ ପୁଡ଼ିଆ ତିଆରି କରି ଖାଲିପେଟରେ ସକାଳେ ଓ ସନ୍ଧ୍ୟାରେ ସେବନ କରିବାକୁ ହେବ ତଥା ପିତ୍ତାଶୟରେ ଯଦି ପଥୁରୀ ହୁଏ ତା ହେଲେ ପିତ୍ତାଶ୍ମରୀହର ଚୂର୍ଣ୍ଣ ୧୦ ଗ୍ରାମ, ହଜରୁଲୟଶଦ୍ ଭସ୍ମ ୧୦ ଗ୍ରାମ, ତ୍ରିବିକ୍ରମ ରସ ୧୦ ଗ୍ରାମ ଏ ଔଷଧଗୁଡ଼ି ସମ୍ମିଶ୍ରଣ କରି ଷାଠିଏ ପୁଡ଼ିଆ ତିଆରି କରି ଦିନକୁ ଦିଥର ଲେଖାଏଁ ସେବନ କରିବା ଦ୍ୱାରା ପଥୁରୀ ରୋଗ କବଳରୁ ମୁକ୍ତି ମିଳିଥାଏ । କିନ୍ତୁ ମନେ ରଖନ୍ତୁ ଉପରୋକ୍ତ ଔଷଧଗୁଡ଼ିକୁ ପ୍ରତ୍ୟହ ନିୟମିତ ଭାବେ ସେବନ କରିବାକୁ ହେବ ନଚେତ୍ କାର୍ଯ୍ୟକାରୀ ହେବ ନାହିଁ । ଉପରୋକ୍ତ ଆୟୁର୍ବେଦିକ ଔଷଧଗୁଡ଼ିକ ଆମ ଗୁରୁକୁଳ ଆଶ୍ରମ ଆମସେନାର ଆୟୁର୍ବେଦିକ ଫାର୍ମାସୀରେ ଉପଲବ୍ଧ । ପଥୁରୀ ରୋଗରେ ପୀଡ଼ିତ ରୋଗୀ ବୈଦ୍ୟଙ୍କ ସଂପର୍କ ସ୍ଥାପନ କରି ଔଷଧ ଗ୍ରହଣ କରିବା ହେବେ ।

# ବେଦବିଦୁଷୀ ନାରୀ

ସ୍ତ୍ରୀମାନଙ୍କର ବେଦ ପଢ଼ିବାର ଅଧିକାର ଅଛି? ଏହି ପ୍ରଶ୍ନ ଆଜିକାଲି ପୁଣି ଉଠାଯାଉଛି । ସ୍ତ୍ରୀଙ୍କ ସହିତ ତଥା କଥିତ ନିମ୍ନ ଜାତିର ମଣିଷଙ୍କୁ ମଧ୍ୟ ବେଦପଢ଼ାରୁ ବଂଚିତ କରାଯାଉଛି । ଏଥିରେ ପ୍ରମାଣ ଦିଅନ୍ତି -"ସ୍ତ୍ରୀ ଶୁଦ୍ରୌ ନାଧୀୟତାମ୍ ଇତି ଶ୍ରୁତେଃ" ଅର୍ଥାତ୍ ସ୍ତ୍ରୀ ଏବଂ ଶୁଦ୍ର ପଢ଼ିପାରିବେ ନାହିଁ । ଏହା ଶ୍ରୁତି ଅଟେ । କିନ୍ତୁ ଏହି ବାକ୍ୟ କପୋଳ କଳ୍ପିତ ଅଟେ । କୌଣସି ପ୍ରମାଣିକ ଗ୍ରନ୍ଥର ନୁହେଁ । ସବୁ ମନୁଷ୍ୟଙ୍କର ବେଦାଦିଶାସ୍ତ୍ର ପଢ଼ିବା ଶୁଣିବାର ଅଧିକାର ପାଇଁ ପ୍ରମାଣ ଯଜୁର୍ବେଦର ୨୬ ଅଧ୍ୟାୟରେ ଦ୍ୱିତୀୟ ମନ୍ତ୍ର ରହିଛି । ଯଥା -

**"ଯଥେମାଂ ବାଚ କଲ୍ୟାଣୀମାବଦାନି ଜନେଭ୍ୟଃ ବ୍ରହ୍ମରାଜନ୍ୟାଭ୍ୟାଂ ଶୁଦ୍ରାୟ ଚାର୍ଯ୍ୟାୟ ବା ସ୍ୱାୟ ଚାରଣାୟ ॥"**

ପରମେଶ୍ୱର କହନ୍ତି (ଯଥା) ଯେପରି ମୁଁ (ଜନେଭ୍ୟଃ) ସବୁ ଲୋକଙ୍କ ପାଇଁ (ଇମାଂ) ଏହି (କଲ୍ୟାଣୀଂ ବାଚଂ ଆବଦାନି) କଲ୍ୟାଣଦାତ୍ରୀ ଋଗ୍ ବେଦାଦି ଚାରି ବେଦବାଣୀର ଉପଦେଶ କରୁଅଛି । ସେହିପରି ତୁମେମାନେ ମଧ୍ୟ କର ।

ବସ୍ତୁତଃ ଚାରି ବେଦର ୨୦ ହଜାରରୁ ଊର୍ଦ୍ଧ୍ୱ ମନ୍ତ୍ରରେ କେଉଁଠାରେ ବି ନାରୀକୁ ବେଦ ପଢ଼ିବା ମନା କରାଯାଇନାହିଁ । ପରନ୍ତୁ ସମସ୍ତ ବୈଦିକ ସାହିତ୍ୟରେ ଏପରି ସୂତ୍ର ଏବଂ ପ୍ରସଙ୍ଗ ରହିଛି, ଯାହା ନାରୀକୁ ମହିମାଣ୍ଡିତ କରିବା ପାଇଁ ପ୍ରତିପାଦିତ କରାଯାଇଛି । ବୈଦିକ ସାହିତ୍ୟ ପୁରୁଷ ଏବଂ ସ୍ତ୍ରୀର ଅଧିକାରରେ ଭେଦ ସୃଷ୍ଟି କରେ ନାହିଁ । ପୁରୁଷକୁ ଯେଉଁ ସବୁ ଅଧିକାର ଅଛି ନାରୀକୁ ମଧ୍ୟ ସେହି ସବୁ ଅଧିକାର ରହିଛି । ଅଥର୍ବ ବେଦରେ କୁହାଯାଇଛି -

**ବ୍ରହ୍ମଚର୍ଯ୍ୟେଣ କନ୍ୟା ଯୁବାନଂ ବିନ୍ଦତେ ପତିମ୍ । (ଅଥର୍ବ. ୧୧-୫-୧୮)**

ବାଳକମାନେ ଯେପରି ବ୍ରହ୍ମଚର୍ଯ୍ୟ ସେବନ ପୂର୍ବରୁ ବିଦ୍ୟା ଏବଂ ସୁଶିକ୍ଷାକୁ ପ୍ରାପ୍ତ ହୋଇ ନିଜ ସଦୃଶ ବିଦୁଷୀ ସ୍ତ୍ରୀ ସହିତ ବିବାହ କରନ୍ତି, ଠିକ୍ ସେହିପରି କୁମାରୀମାନେ ବ୍ରହ୍ମଚର୍ଯ୍ୟ ସେବନ ପୂର୍ବକ ବେଦାଦି ଶାସ୍ତ୍ରକୁ ପଢ଼ି ପୂର୍ଣ୍ଣ ବିଦ୍ୟା ଏବଂ ଉତ୍ତମ ଶିକ୍ଷାକୁ ପ୍ରାପ୍ତ କରି ପୂର୍ଣ୍ଣ ଯୁବାବସ୍ଥାରେ ନିଜ ସଦୃଶ (ଯୁବାନମ୍) ପୂର୍ଣ୍ଣ ଯୁବାବସ୍ଥାଯୁକ୍ତ ବିଦ୍ୱାନ୍ ପୁରୁଷକୁ (ବିନ୍ଦତେ) ପ୍ରାପ୍ତ କରିବେ । ଶୌତ ସୂତ୍ରାଦିରେ ମଧ୍ୟ ବିଧାନ ଅଛି କି - **ଇମଂ ମନ୍ତ୍ରଂ ପତ୍ନୀ ପଠେତ୍** । ସ୍ତ୍ରୀ ଏହି ମନ୍ତ୍ରକୁ ପଢ଼ିବ । ଏଣୁ ସ୍ତ୍ରୀମାନଙ୍କ ବେଦ ପଢ଼ିବାର ଅଧିକାର ଅଛି ।

**ବେଦ ପତ୍ନୈ ପ୍ରଦାୟ ବାଚୟେତ୍ (ଅଶ୍ୱଲାୟନ ଶୌ ୧-୧୧)** ପତ୍ନୀକୁ ବେଦ ଦେଇ ତା' ଦ୍ୱାରା ଗାନ କରାଇବେ ।

**ଇତି ବେଦଂ ପତ୍ନୀ ବାଚୟତି ।**

**(ଶଂଖାୟନ ଶୌ ୧-୧୫-୧୩)**

ପତ୍ନୀ ବେଦକୁ ପଢ଼ାଏ । ବେଦ ପତ୍ନୀ ବାଚୟତି **'ବେଦୋସି ବିତିରସି' ଇତି (ବୋଧାୟନ ଶୌ ୩-୩୦)** ଦେବରେ ପତ୍ନୀ କହେ **'ବେଦୋସି.......'**ଇତ୍ୟାଦି ।

ଏତଦତିରିକ୍ତ ଗାର୍ଗୀଙ୍କ - ଯାଜ୍ଞବଲ୍କ୍ୟ ସମ୍ବାଦ ରହିଛି । ଯାହାର ବର୍ଣ୍ଣନା ଶତପଥ ବ୍ରାହ୍ମଣ (ଖଣ୍ଡ -୧୪) ଏବଂ ବୃହଦାରଣ୍ୟକ ଉପନିଷଦ୍ (୩-୮-୧-୧୨)ରେ କରାଯାଇଛି ।

ରାଜା ଜନକଙ୍କ ସଭାରେ ମହର୍ଷି ଯାଜ୍ଞବଲ୍କ୍ୟ ସହିତ ଯାହାର ଶାସ୍ତ୍ରାର୍ଥ ହୋଇଥିଲା, ସେଥିରେ ମହାନ୍ ବିଦୁଷୀ ଗାର୍ଗୀ ମଧ୍ୟ ଥିଲେ । ଯେତେବେଳେ ସମସ୍ତ ବିଦ୍ୱାନ୍ ପରାସ୍ତ ହେଉଥିଲେ, ସେତେବେଳେ ଗାର୍ଗୀ କହିଲେ -

**'ଅଥ ଗାର୍ଗୀ ବାଚକ୍ନବ୍ୟୁବାଚ, ବ୍ରାହ୍ମଣାଭଗବନ୍ତୋହମିମଂ ଦ୍ୱୌ ପ୍ରଶ୍ନୌ ପ୍ରକ୍ଷ୍ୟାମି ତୌ ଚେନ୍ମେ ବକ୍ଷ୍ୟତି ନ ବୌ ଜାତୁ ଯୁଷ୍ମାକମିମଂ କଶ୍ଚିଦ୍ ବ୍ରହ୍ମୋଦ୍ୟଂଜେତେତି' ।**

ଅର୍ଥାତ୍ ବାଚକ୍ନବୀ ଗାର୍ଗୀ କହିଲେ - ହେ ପୂଜ୍ୟ ବ୍ରାହ୍ମଣ ! ମୁଁ ଦୁଇଟି ପ୍ରଶ୍ନ ଏମାନଙ୍କୁ ପଚାରିବି । ଯଦି ମୋତେ ଏହାର ଉତ୍ତର ଦେବ, ତେବେ ଆପଣଙ୍କ ମଧ୍ୟରୁ କେହି ହେଲେ ଏହି ବ୍ରହ୍ମବାଦୀକୁ ଜିତି ପାରିବ । ଏହାପରେ ଗାର୍ଗୀ ଏବଂ ଯାଜ୍ଞବଲ୍କ୍ୟର ସମ୍ବାଦ (ଶାସ୍ତ୍ରାର୍ଥ) ହେଲା । ଗାର୍ଗୀ ଯାଜ୍ଞବଲ୍କ୍ୟର ଉତ୍ତରରେ ସନ୍ତୁଷ୍ଟ ହୋଇ ପୁଣି କହିଲେ -**'ବ୍ରାହ୍ମଣା ଭଗବନ୍ତଃ । ତଦେବ ବହୁମନ୍ୟଧ୍ୱଂ ଯଦସ୍ମାନ୍ନମସ୍କାରେଣ ମୁଚ୍ୟେଧ୍ୱଂ ନ ବୈ ଜାତୁ ଯୁଷ୍ମାକମିମଂ କଶ୍ଚିଦ୍ ବ୍ରହ୍ମୋଦ୍ୟଂଜେତା ଇତି ।'** ଅର୍ଥାତ୍ ବ୍ରାହ୍ମଣ ମହାରାଜ । ଏହାକୁ ବୁଝ କି ତୁମେ ନମସ୍କାର କରି ଏହାଠାରୁ ଚାଲିଯାଆ । ତୁମମାନଙ୍କ ଭିତରୁ କେହି ଏହି ବ୍ରହ୍ମବାଦୀକୁ ଜିତି ପାରିବ ନାହିଁ ।

ଉର୍ବଶୀ-ପୁରୁରବା ସମ୍ବାଦ ଏବଂ ସରମା-ପାଣି ସମ୍ବାଦ (ଶାସ୍ତ୍ରାର୍ଥ) ମଧ୍ୟ ସାକ୍ଷୀ ଅଟେ କି ବୈଦିକ କାଳରେ ନାରୀମାନେ ପୁରୁଷମାନଙ୍କ ପରି ବେଦତ ବିଦ୍ୟାର ଜ୍ଞାତା ହୋଇଥିଲେ । ଆଦି ଶଙ୍କରଙ୍କର ମଣ୍ଡନ ମିଶ୍ରଙ୍କ ପତ୍ନୀ ଭାରତୀ ସହିତ ଶାସ୍ତ୍ରାର୍ଥର ଜ୍ଞାନ ତ ଶଙ୍କରାଚାର୍ଯ୍ୟଙ୍କୁ ଅବଶ୍ୟ ଥିବ ଯଦି ଭାରତୀକୁ ବେଦଜ୍ଞାନ ଜଣାନାଥାନ୍ତା, ତେବେ ଆଦି ଶଙ୍କରଙ୍କୁ କିପରି ନିରୁତ୍ତର କରିଥାଆନ୍ତେ ?

ବସ୍ତୁସ୍ଥିତି ଏହା ଅଟେ କି କେବଳ ଋଗ୍ ବେଦର ୨୦ଜଣ ମନ୍ତ୍ର ଦ୍ରଷ୍ଟା ଋଷିକା ଥିଲେ । ଯଥା - ଲୋପାମୁଦ୍ରା, ରୋମଶା, ଶର୍ମା, ଜୁହୁ, ପୌଲମୀ, ଶଚୀ, ଉର୍ବଶୀ, ଘୋଷା, ଉପାଳା, ଅଂଗିରା, ରିଶାଶ୍ୱତି, ବିଜ୍ଞାବରା, ସିକାତା, ନିବାବରୀ ଆଦି । ଆଚାର୍ଯ୍ୟା ପଦର ଉପଯୋଗ ନାରୀ ଆଚାର୍ଯ ପାଇଁ ହୋଇଥାଏ, ଯେଉଁଠିକି ଆଚାର୍ଯ୍ୟର ପତ୍ନୀ ଆଚାର୍ଯ୍ୟାଣୀ ବୋଲାଏ ।

ଆମ୍ଭେ ଯଦି ପ୍ରାଚୀନ କାଳର ଦିନ ଚର୍ଯ୍ୟା ଉପରେ ଦୃଷ୍ଟିପାତ କରିବା ତେବେ ଏହା ପାଇବାକି ବନବାସ ପାଇଁ ପ୍ରସ୍ଥାନ କରିବା ପୂର୍ବରୁ ଯେତେବେଳେ ଭଗବାନ ରାମ ମାତା କୌଶଲ୍ୟାଙ୍କର ଦର୍ଶନ ପାଇଁ ଗଲେ, ସେତେବେଳେ ମାତା ଦୈନିକ ଅଗ୍ନିହୋତ୍ର କରିବାର ଦେଖିଲେ । (ବାଲ୍ମୀକି ରାମାୟଣ, ଶ୍ଲୋକ ୧୫, ଅଧ୍ୟାୟ ୨୦) । ଯଦି ମାତା କୌଶଲ୍ୟା ବେଦବିଦ୍ୟା ବିହୀନ ହୋଇଥାନ୍ତି, ତେବେ ଅଗ୍ନିହୋତ୍ର କିପରି କରନ୍ତେ ? ଯଜ୍ଞରେ ପତି-ପତ୍ନୀ ବସିବାର ବିଧାନ ଶାସ୍ତ୍ରରେ ଅଛି । ଯଦି ପତ୍ନୀ ବେଦପାଠୀ ନ ହୁଅନ୍ତା, ତେବେ କ'ଣ ତାକୁ ଖାଲି ସେମିତି ନେଇ ବସାଇ ଦିଆଯାଆନ୍ତା ?

ଏଣୁ କେବଳ ନାରୀ ନୁହେଁ, ବେଦ ପଠନ-ପାଠନର ଅଧିକାର ସମାଜର ପ୍ରତ୍ୟେକ ବର୍ଗ, ଅପିତୁ ସମସ୍ତ ବିଶ୍ୱର ମାନବ ମାତ୍ରର ରହିଛି ।

# ନୂତନ ଛାତ୍ରଛାତ୍ରୀଙ୍କ ପ୍ରବେଶ ପ୍ରାରମ୍ଭ

ନୂଆପଡ଼ା ଜିଲ୍ଲାନ୍ତର୍ଗତ ଖରିଆର୍ ରୋଡ୍ ସହରର ତିନି କିଲୋମିଟର ଦୂରରେ ଆମସେନା ଗ୍ରାମ ଅବସ୍ଥିତ । ସେଠାରେ ମହାବିଦ୍ୟାଳୟ ଗୁରୁକୁଳ ଆଶ୍ରମ ଆମସେନା ତଥା ଆର୍ଯ୍ୟ କନ୍ୟା ଗୁରୁକୁଳ ସହର୍ଷେ ଦଣ୍ଡାୟମାନ ହୋଇ ରହିଛି । ପ୍ରୋକ୍ତ ଗୁରୁକୁଳ ଦ୍ୱୟରେ ୬ଷ୍ଠ ଶ୍ରେଣୀରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ଗ୍ରହଣ କରାଯାଇଥାଏ ।

ଯେଉଁ ଛାତ୍ରଛାତ୍ରୀମାନେ ଗୁରୁକୁଳ ବିଦ୍ୟାଳୟରେ ଅଧ୍ୟୟନ କରିବା ପାଇଁ ଇଚ୍ଛୁକ ଅଛନ୍ତି ସେମାନେ ନିଜ ନିଜ ବିଦ୍ୟାଳୟରୁ ପ୍ରମାଣପତ୍ରାଦି ଆଣି ଆସିଲେ ସେମାନଙ୍କୁ ବିଦ୍ୟାଳୟର ପରବର୍ତ୍ତୀ ଶ୍ରେଣୀରେ ଗ୍ରହଣ କରାଯାଇଥାଏ ।

ଯେଉଁ ଛାତ୍ରଛାତ୍ରୀ ମାନଙ୍କର ପିତା ମାତା ବା ସେମାନଙ୍କ ମଧ୍ୟରୁ ଜଣେ ମଧ୍ୟ ନାହାନ୍ତି ସେମାନଙ୍କର ଖାଦ୍ୟ ପେୟ ଖର୍ଚ୍ଚ ଆଶ୍ରମ ବହନ କରିଥାଏ ।

**ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ**
**ସଞ୍ଚାଳକ**

**ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ**
**ଆଚାର୍ଯ୍ୟ**

---

## ନିବେଦନ

ପ୍ରାତଃ ସ୍ମରଣୀୟ ମହର୍ଷି ଦେବଦୟାନନ୍ଦଙ୍କ କର କମଳରେ ସଂସ୍ଥାପିତ ଆର୍ଯ୍ୟ ସମାଜ କେବଳ ଭାରତର ପ୍ରତ୍ୟେକ ଦେଶରେ ନୁହେଁ ଏପରିକି ବିଦେଶରେ ମଧ୍ୟ ସଂସ୍ଥାପିତ ହୋଇ ଜନତାକୁ ବେଦପଥ ପ୍ରଦର୍ଶନ କରି ବହୁଳ ଭାବେ ଆଦୃତ ହୋଇଅଛି ।

ଆର୍ଯ୍ୟ ସମାଜ ଗୁଡ଼ିକୁ ନେଇ ପ୍ରତ୍ୟେକ ପ୍ରଦେଶରେ ପ୍ରାଦେଶିକ ସଭାମାନେ ଗଠିତ ହୋଇଅଛି । ସେହି ପରିପ୍ରେକ୍ଷୀରେ ଓଡ଼ିଶାରେ ମଧ୍ୟ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭା ଗଠନ କରାଯାଇଛି । ଏହାର କର୍ମକର୍ତ୍ତାମାନେ ତିନିବର୍ଷରେ ଥରେ ମନୋନୀତ ବା ନିର୍ବାଚିତ ହୋଇଥାନ୍ତି । ଗତ ୨୦୧୫ ମଇ ମାସରେ ଏହାର କର୍ମକର୍ତ୍ତା ତିନିବର୍ଷ ନିମିତ୍ତ ନିର୍ବାଚିତ ହୋଇଥିଲେ । ସେମାନଙ୍କ କାର୍ଯ୍ୟକାଳ ମଇ ମାସରେ ଶେଷ ହେବ ।

ତେଣୁ ଆଗାମୀ ମଇ ତା ୬ରିଖ ରବିବାର ପ୍ରତିନିଧି ମାନଙ୍କ ସମୁପସ୍ଥିତିରେ ସମ୍ବଲପୁର ଆର୍ଯ୍ୟ ସମାଜ ମନ୍ଦିରରେ ପୁଣି ନୂତନ କର୍ମକର୍ତ୍ତା ନିର୍ବାଚିତ ବା ମନୋନୀତ ହେବେ । ତେଣୁ ପ୍ରତ୍ୟେକ ଆର୍ଯ୍ୟସମାଜରୁ କେଉଁ କେଉଁମାନେ ଯୋଗଦାନ କରିବେ ତାପାଇଁ ଫର୍ମ ପ୍ରେରଣ କରାଯାଇଛି ।

ଏଣୁ ନିବେଦନ ପ୍ରତ୍ୟେକ ଆର୍ଯ୍ୟ ସମାଜରୁ ମନୋନୀତ ପ୍ରତିନିଧି ଏଥିରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ହେବେ ।

**ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ**
**ସଭାପତି**
**ଉ.ଆ. ପ୍ର. ସଭା**

**ପ· ବୀରେନ୍ଦ୍ର କୁମାର ପଣ୍ଡା**
**ସଂପାଦକ**
**ଉ.ଆ. ପ୍ର. ସଭା**

# ଦାନର ମହତ୍ତ୍ୱ

ଆର୍ଯ୍ୟଶ୍ରୀ କୁଞ୍ଜଦେବ ବାନପ୍ରସ୍ଥୀ

ପୃଥିବୀରେ ଆମ ମଣିଷଜାତି ପାଇଁ ଯେତେ ସତ୍‌କର୍ମ ଅଛି ତନ୍ମଧ୍ୟରେ ଦାନଦେବା ହେଉଛି ସବୁଠାରୁ ମହତ୍ କାର୍ଯ୍ୟ । ଦାନ ଓ ପ୍ରତିଦାନ ଦିଓଟିର ମହତ୍ୱ ରହିଛି । ତାଦାଠାରୁ ସଛ ଛୋଟ । ଦାତାର ହସ୍ତ ସବୁବେଳେ ଉପରେ ରହେ ଓ ଗ୍ରହୀତାର ହସ୍ତ ସବୁବେଳେ ନିମ୍ନରେ ଥାଏ । ଯେଉଁମାନେ ଦାନ ଗ୍ରହଣ କରନ୍ତି ଓ ଆକୁଣ୍ଠିତ ଚିତ୍ତରେ ଅନ୍ୟଙ୍କୁ ଦାନ କରନ୍ତି ସେମାନେ ପ୍ରତିଦାନ ଦେଇଥାନ୍ତି ।

**"ଦାନାଂ ଚ ଧର୍ମ ରଚୟତି"** ଦାନ କଲେ ଧର୍ମ ହୁଏ । ମଣିଷ ନିଜ ଜୀବନରେ ଯାହା ଆୟକରେ ନିଜ ଆୟର ଏକ ଦଶମାଂଶ ଦାନ, ସେବା ଓ ପରୋପକାରରେ ଲଗାଇବା କଥା । ହେଲେ ଏହି ପୁଣ୍ୟ କର୍ମ କରିବାର ଭାବନା ସମସ୍ତଙ୍କ ମୁଣ୍ଡକୁ ଆସେ ନାହିଁ । କାରଣ ଏ ଦୁନିଆଁରେ ଗ୍ୱରି ପ୍ରକାର ମଣିଷ ବାସ କରିଛନ୍ତି ।

ଯଥା- ୧. କୃପଣ, ୨. ଲୋଭୀ, ୩. ଉଦାର, ୪. ଦାତା

**୧. କୃପଣ-** ନିଜେ ଖାଏ ନାହିଁ କି ଅନ୍ୟଙ୍କୁ ମଧ୍ୟ ଖାଇବାକୁ ଦିଏ ନାହିଁ ।

**୨. ଲୋଭୀ-** ଯିଏ ନିଜେ କମ୍ ଖାଏ ଓ ଅନ୍ୟଙ୍କୁ ଖାଇବାକୁ ଦିଏ ନାହିଁ ।

**୩. ଉଦାର-** ଯିଏ ନିଜେ ଖାଏ ଓ ଅନ୍ୟଙ୍କୁ ମଧ୍ୟ ଖାଇବାକୁ ଦିଏ ।

**୪. ଦାତା-** ଯିଏ ନିଜେ ଇଖାଇ ମଧ୍ୟ ଅନ୍ୟଙ୍କୁ ନିଶ୍ଚୟ ଖୁଆଇଥାଏ ।

ରାବଣ, କଂସ, ଦୁର୍ଯୋଧନ ଏମାନେ ପ୍ରଥମ ଦ୍ୱିତୀୟ ପ୍ରକାରର ଲୋକ ଥିଲେ । ବିଦୁର କର୍ଣ୍ଣ ଯୁଧିଷ୍ଠିର ଏମାନେ ତୃତୀୟ ପ୍ରକାର ଲୋକଥିଲେ । କୃଷ୍ଣ , ରାମ ବୁଦ୍ଧ, ସ୍ୱାମୀ ଦୟାନନ୍ଦ ଏମାନେ ଚତୁର୍ଥ ଶ୍ରେଣୀର ଲୋକ ଥିଲେ । ଯିଏ ଅନ୍ୟଙ୍କୁ ଦାନ ଦିଏ ସେ ପୁଣ୍ୟାତ୍ମା ଓ ଯିଏ କିଛି ଦାନକରେ ନାହିଁ ସେ ହେଉଛି ପାପାତ୍ମା । ଯିଏ ସମସ୍ତ ବିଶ୍ୱ ବ୍ରହ୍ମାଣ୍ଡ ସମସ୍ତଙ୍କୁ ଦାନ ଦେଇଛନ୍ତି ସେ ହେଉଛନ୍ତି ପରମାତ୍ମା । ଯେଉଁମାନେ ଜୀବନ ସାରା କିଛି ଦାନ କରନ୍ତି ନାହିଁ, ତାଙ୍କର ଅର୍ଜିତ ସମସ୍ତ ସ-ତ୍ତି ମଲାବେଳକୁ ଦାନ କରାଯାଏ । ଏହା ପ୍ରାୟ ନିଜ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଥାଏ । ଏହାକୁ ପ୍ରକୃତ ଦାନ କୁହାଯିବ ନାହିଁ । ଏଥିରେ ପୁଣ୍ୟ ମଧ୍ୟ ମିଶିପାରିବ ନାହିଁ ।

ଥରେ ସର୍ବଧର୍ମ ସମ୍ମିଳନୀ ବଶିଥିଲା । ଯେପରି ଆକବର କରିଥିଲେ । ସେ ଇବାଦତ୍ ଖାନ ନାମକ ଧର୍ମ ସଭାଗୃହ ତିଆରି କରି ଦିନ-ଇ-ଲାଇ ନାମକ ଏକ ଧର୍ମଗ୍ରନ୍ଥ ଲେଖିଥିଲେ । ସବୁ ଧର୍ମରୁ ଆସିଥିବା ପ୍ରତିନିଧିମାନେ ଏକ ସଂକଳ୍ପ କଲେ । ଏଥିପାଇଁ ଧନୀ ଦାତାମାନେ ଦାନ ସ୍ୱରୂପ ଧନ ଦେଲେ । ହିନ୍ଦୁ ପଣ୍ଡିତମାନେ କହିଲେ ମନ୍ଦିର ତିଆରି କରାଯାଉ । ମୁସଲ୍‌ମାନ୍ ମୌଲାନାମାନେ କହିଲେ ମସ୍‌ଜିଦ୍ କରାଯାଉ ଓ ଖ୍ରୀଷ୍ଟିୟାନ ମାନେ କହିଲେ ଗୀର୍ଜା କରାଯାଉ । ସେଦିନ କୌଣସି ପ୍ରସ୍ତାବ ଗ୍ରହଣ କରାଗଲା ନାହିଁ । କେତେଦିନ ପରେ ତାଙ୍କ ପାଇଁ ଜଣେ ପିଲା ଦିଲ୍ଲୀର ବୈଜ୍ଞାନିକ ଥିଲା । ସେ ଗ୍ରାମକୁ ଆସିଥିଲା ଏମାନେ ସା-ଦାୟିକ ମନୋଭାବ ବୁଝିପାରିଲେ । ସେ କହିଲା ଆମେ ଦାନ ପଇସାକୁ ଜନସାଧାରଣଙ୍କ ଉପକାରରେ ଆସିବା ଭଳି କାର୍ଯ୍ୟ କରିବା କହି ସେପଟି ଲେଟ୍ରିନ୍ ଗାଧୁଆ ଘର ଓ ଟାଙ୍କକୁ ପିଇବା

ଫିଲଟର ପାଣିର ବ୍ୟବସ୍ଥା କରାଗଲା ସମସ୍ତେ ଏ ସୁବିଧା ପାଇ ବହୁତ ଖୁସି ହେଲେ ଓ ବୈଜ୍ଞାନିକଙ୍କ ପ୍ରଶଂସା କଲେ ।

## -: ଦାନ କେତେ ପ୍ରକାର୍ ତାହା ନିମ୍ନରେ ଉଲ୍ଲେଖ କରାଯାଇଛି :-

୧. ମୌନ ରହିବା ମଣିଷର ସବୁଠାରୁ ବଡ଼ ଦାନ ଅଟେ । କାରଣ ଏହା ଆମକୁ ଜ୍ଞାନଦାନ ଦେଇଥାଏ । ଏକଥା ରୁଷ ଦେଶର ପ୍ରସିଦ୍ଧ ଲେଖକ ଟଲ୍‌ଷ୍ଟଏ କହିଥିଲେ ।

୨. ଜନ୍ମଦାନ- ମାଆମାନେ ଦେଇଥାନ୍ତି ।

୩. ଭୂମିଦାନ ।

୪. କନ୍ୟାଦାନ ।

୫. ପୁତ୍ରଦାନ- ଯେଉଁମାନେ ପୁତ୍ରହୀନ ମାନଙ୍କୁ ପୋଷ୍ୟପୁତ୍ର ଦାନ କରିଥାନ୍ତି ।

୬. ରକ୍ତଦାନ- ରକ୍ତ ହୀନତାକୁ ରକ୍ତ ଦିଆଯାଇଥାଏ ।

୭. ଅଙ୍ଗଦାନ- କିଡ୍‌ନୀ, ଚକ୍ଷୁ ଓ ହୃତ୍‌ପିଣ୍ଡ ।

୮. ଗର୍ଭଦାନ- ସରୋଗେସି ।

୯. ଆଶୀର୍ବାଦ ଦାନ, ଜ୍ଞାନଦାନ, ଆଶ୍ରୟଦାନ, ଶ୍ରମଦାନ ।

୧୦. ଭୋକିଲାକୁ ଅନ୍ନଦାନ, ତୃଷାର୍ତ୍ତକୁ ଜଳଦାନ, ନଙ୍ଗଳାକୁ ବସ୍ତ୍ରଦାନ ।

୧୧. ରୋଗୀକୁ ଔଷଧଦାନ, ଗରିବ ପିଲାର ଉଚ୍ଚ ଶିକ୍ଷା ପାଇଁ ଦାନ । ଗରିବ ଝିଅର ବିବାହ ସମୟରେ ଦାନ ।

୧୨. ଅନାଥାଶ୍ରମ, ବୃଦ୍ଧାଶ୍ରମ, କନ୍ୟାଶ୍ରମ, କୁଷ୍ଠାଶ୍ରମ ।

ସତ୍ ପାତ୍ରରେ ଦାନ ଦେଲେ ପୁଣ୍ୟ ଲାଭ ହୁଏ ଓ ଅସତ୍ ପାତ୍ରରେ ଦାନ ଦେଲେ ପାପ ହୁଏ । ଏ ସବୁକୁ ବିଗୃର କରି ସତ୍ ପାତ୍ରରେ ଦାନଦେବା ଏକାନ୍ତ ଆବଶ୍ୟକ ।

## -: କାହାକୁ ଦାନ ଦିଆଯାଏ ନାହିଁ :-

୧. ମଦୁଆ, ମାଂସାସୀ ।

୨. ସାପକୁ ଗୋରସ ।

୩. ପାଗଳ ଓ ମହାମୂର୍ଖକୁ ଉପଦେଶ ।

## -: ଦାନ କଲାପରେ କଣ କରିବ ନାହିଁ :-

୧. ଦାନକୁ ଫେରାଇ ନେବ ନାହିଁ ।

୨. ଦାନ ଦେଇ ପ୍ରଶଂସା ଆଶା କରିବା ଓ ଗର୍ବ ଅନୁଭବ କରବା ପାପ ।

୩. ଦାନ ଦେଲାପରେ ଅନ୍ୟ ଆଗରେ ଦେଖାଇ ହେବା ଓ ନିଜେ ପ୍ରଗୃର କରିବା ପାପ ।

୪. ଦାନ ଦେବାରେ ଓ ଦାନ ନେବାରେ ଉଭୟ ଲୋକ ଉପକୃତ ହୋଇଥାନ୍ତି ।

# ଘୋଷଣା ପତ୍ରମ୍

ମୁଁ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ ସୁପୁତ୍ର ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ ଘୋଷଣା କରୁଅଛି ଯେ ମୁଁ "କୁଳଭୂମି" ନାମକ ମାସିକ ପତ୍ରିକାର ମୁଦ୍ରକ ଓ ପ୍ରକାଶକ ଅଟେ । ଯାହାକି ଗୁରୁକୁଳ ଆଶ୍ରମ ମୁଦ୍ରଣାଳୟ ଆମସେନାରେ ମୁଦ୍ରିତ ତଥା ଗୁରୁକୁଳ ଆଶ୍ରମ ଆମସେନା, ଜି. ନୂଆପଡ଼ା (ଓଡ଼ିଶା) ଦ୍ୱାରା ପ୍ରକାଶିତ ହେଉଅଛି । ଉକ୍ତ ପତ୍ରିକା ସଂପର୍କରେ ଯେଉଁ ବିବରଣୀ ନିମ୍ନରେ ପ୍ରଦାନ କରାଯାଉଛି ସେସବୁ ମୋର ଜ୍ଞାତବ୍ୟ ଓ ବିଶ୍ୱାସ ଅନୁଯାୟୀ ସଂପୂର୍ଣ୍ଣରୂପେ ସତ୍ୟ ଅଟେ ।

| | | |
|---|---|---|
| ୧- ପତ୍ରିକାର ନାମ | :- | କୁଳଭୂମି । |
| ୨- ପ୍ରତ୍ରିକାର ଭାଷା | :- | ଓଡ଼ିଆ । |
| ୩- ପ୍ରକାଶନର ଅବଧି | :- | ମାସିକ । |
| ୪- ପତ୍ରିକାର ସ୍ୱତନ୍ତ୍ର ବିକ୍ରୟ ମୂଲ୍ୟ | :- | ଟ ୧୦ ଙ୍କା ମାତ୍ର । |
| ୫- ପ୍ରକାଶକଙ୍କ ନାମ ଜାତୀୟତା ଠିକଣା | :- | ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ<br>ଭାରତୀୟ ଗୁରୁକୁଳ ଆଶ୍ରମ ଆମସେନା,<br>ଖରିଆର ରୋଡ଼, ଜି.ନୂଆପଡ଼ା |
| ୬- ପ୍ରକାଶନର ସ୍ଥାନ | :- | ଗୁରୁକୁଳ ଆଶ୍ରମ ଆମସେନା, ଖରିଆର୍ ରୋଡ଼ । |
| ୭- ମୁଦ୍ରକଙ୍କ ନାମ ଜାତୀୟତା ଠିକଣା :- | | ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ<br>ଭାରତୀୟ ଗୁରୁକୁଳ ଆଶ୍ରମ ଆମସେନା,<br>ଖରିଆର ରୋଡ଼, ଜି.ନୂଆପଡ଼ା । |
| ୮- ମୁଦ୍ରଣ | :- | ଗୁରୁକୁଳ ଆଶ୍ରମ ଆମସେନା । |
| ୯- ସ-ାଦକଙ୍କ ନାମ ଜାତୀୟତା ଠିକଣା | :- | ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ<br>ଭାରତୀୟ ଗୁରୁକୁଳ ଆଶ୍ରମ ଆମସେନା,<br>ଖରିଆର ରୋଡ଼, ଜି.ନୂଆପଡ଼ା । |
| ୧୦ - ମୁଦ୍ରକଙ୍କ ନାମ, ଜାତୀୟତା ଠିକଣା | :- | (ଉପରୋକ୍ତ)<br>: ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ<br>: ଗୁରୁକୁଳ ଆଶ୍ରମ ଆମସେନା,<br>: ପ୍ରାଚୀନ ଭାରତୀୟ ବିଦ୍ୟାସଭା । |

—୦୦—

# ରାଷ୍ଟ୍ରିୟ ଅନ୍ତାରାଷ୍ଟ୍ରିୟ ସମାଚାର

## ଥାଇଲ୍ୟାଣ୍ଡ ଦେଇ କେନାଲ ଖୋଳିବ ଚୀନ୍

**ନୂଆଦିଲ୍ଲୀ-** ଓ୍ୱାନ୍ ବେଲସ୍ ସ୍ୱାନ ରୋଡ୍ ଯୋଜନା ଅଧିନରେ ଚୀନ୍ ଯେପରି ଭାରତର ପଡ଼ୋଶୀ ଦେଶ ଗୁଡ଼ିକରେ ସଡ଼କ, ରେଳପଥ ବନ୍ଧର ଆଦି ନିର୍ମାଣ କରି ସେଠାରେ ନିଜର ପ୍ରଭାବ ବୃଦ୍ଧି କରୁଛି ତଥା ଭାରତ ପାଇଁ ଚିନ୍ତାର କାରଣ ବନିଥିବା ବେଲେ ଏବେ ଚିନ୍‌ର ଆଉ ଏକ ପ୍ରକଳ୍ପ ଭାରତର ସୁରକ୍ଷା ପାଇଁ ଗମ୍ଭୀର ବିପଦ ସୃଷ୍ଟି କରିବ ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି ।

ଚୀନ ଏବେ ଦକ୍ଷିଣ ଚିନ୍ ସାଗରକୁ ଅଣ୍ଡାମାନ ସାଗର ସହିତ ସିଧା ସଲଖ ଯୋଡ଼ିବା ପାଇଁ ଏକ କେନାଲ ନିର୍ମାଣ କରିବାକୁ ଉଦ୍ୟମ କରୁଛି ।

### ନେପାଳ ପ୍ରଧାନମନ୍ତ୍ରୀଙ୍କ ଭାରତ ଗ୍ରସ୍ତ

## ଦିଲ୍ଲୀ-କାଠମାଣ୍ଡୁ ନୂଆ ରେଳମାର୍ଗ

**ନୂଆଦିଲ୍ଲୀ-** ନେପାଳର ପ୍ରଧାନମନ୍ତ୍ରୀ କେ ପି ଶର୍ମା ଓଲି ତିନିଦିନିଆ ଭାରତଗସ୍ତରେ ଆସିଥିବା ବେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଶନିବାର ଦ୍ୱିପାକ୍ଷିକ ସଂପର୍କ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ସମୟରେ ପ୍ରତିରକ୍ଷା, ନିରାପତ୍ତା, ଯୋଗାଯୋଗ ଏବଂ ବାଣିଜ୍ୟ ଭଳି ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ସଂପର୍କକୁ ସୁଦୃଢ଼ କରାଯିବାପାଇଁ ସଂକଳ୍ପ ନିଆଯାଇଥିଲା । ବୈଠକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ, ଭାରତ ନିଜର ପ୍ରାଥମିକତା ଅନୁସାରେ ନେପାଳକୁ ସମର୍ଥନ କରିବା ଜାରି ରଖିବ ସେହିପରି ଉଭୟଦେଶ ସମସ୍ତ ଯୋଗାଯୋଗ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଲାଗି ସହମତ ହୋଇଥିବା କଥା ସେ ଦର୍ଶାଇଥିଲେ । ମୋଦି କହିଥିଲେ ଯେ ଦୁଇ ଦେଶ ମଧ୍ୟରେ ସହଯୋଗ ଯୋଗୁ ନେପାଳ ଗଣତନ୍ତ୍ର ସୁଦୃଢ଼ ହେବ । ଦୁଇ ଦେଶ ମଧ୍ୟରେ ପ୍ରତ୍ୟକ୍ଷ ସଂପର୍କ ପାଇଁ କାଠମାଣ୍ଡୁ-ନୂଆଦିଲ୍ଲୀ ମଧ୍ୟରେ ନୂଆ ରେଳମାର୍ଗ ନିର୍ମାଣ ପାଇଁ ସହମତି ସୃଷ୍ଟି ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି ।

## ବାୟୁସେନା କରିବ ଯୁଦ୍ଧଭ୍ୟାସ

**ନୂଆଦିଲ୍ଲୀ-** ଭାରତୀୟ ବାୟୁସେନା ରବିବାରଠାରୁ ଏକ ବଣ୍ ଧରଣର ଯୁଦ୍ଧାଭ୍ୟାସ କରିବ । ଏହା ଦୁଇ ସପ୍ତାହ ପାଇଁ ଏପ୍ରିଲ୍ ୮ ରୁ ୧୧ ତାରିଖ ପାଇଁ ଚାଲିବାକୁ ଥିବା ଏହି ଯୁଦ୍ଧାଭ୍ୟାସ ନାମ ଗଣନ ଶକ୍ତି ରଖାଯାଇଛି । ଦେଶର ବିଭିନ୍ନ ଭାଗରେ ଏହି ଯୁଦ୍ଧାଭ୍ୟାସ କରାଯିବ । ପ୍ରଥମ ପର୍ଯ୍ୟାୟରେ ଦେଶର ଉତ୍ତର ସୀମାରେ ବାୟୁସେନା ଯୁଦ୍ଧ ପ୍ରସ୍ତୁତିର ଅଭ୍ୟାସ କରିବାକ ଥିଲାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପାକିସ୍ତାନ ସଂଲଗ୍ନ ସୀମାରେ ଏପରି କରାଯିବ ।

## ଜନ୍ମ ମାଟିରେ ପହଞ୍ଚିଲା ସନ୍ତକ

**ନୂଆଦିଲ୍ଲୀ-** ଇରାକ୍‌ର ମୋସୁଲ୍‌ରେ ଆଇଏସ୍ ଆତଙ୍କବାଦୀ ଗୋଷ୍ଠୀ ହତ୍ୟା କରିଥିବା ୩୯ ଭାରତୀୟଙ୍କ ମଧ୍ୟରୁ ୩୮ ଜଣଙ୍କ ଦେହାବଶେଷ ଆଜି ଜନ୍ମ ମାଟିରେ ଆସି ପହଞ୍ଚିଛି ।






## ବସନ୍ତକୁସୁମାକର୍ ରସ

ଏହି ଔଷଧରେ ଅନେକ ମୂଲ୍ୟବାନ୍ ରୌପ୍ୟଭସ୍ମ, ସ୍ୱର୍ଣ୍ଣ ଭସ୍ମ, ଲୌହ ଭସ୍ମ, ନାଗ ଭସ୍ମ, ମୋତିପିଷ୍ଟି ପ୍ରବାଳ ପିଷ୍ଟି ଓ ବଙ୍ଗ ଭସ୍ମ ଇତ୍ୟାଦି ଜୀବନ ଦାୟକ ବହୁମୂଲ୍ୟ ଔଷଧି ମିଶ୍ରିତ ହୋଇ ନିର୍ମିତ ହୋଇଛି । ଏହି ଔଷଧ ହୃଦୟକୁ ଶକ୍ତିଶାଳୀ କରେ ବାଜୀକରଣ ଓ ରସାୟନ ଅଟେ । ସ୍ତ୍ରୀ, ପୁରୁଷଙ୍କ ଯନନେନ୍ଦ୍ରିୟ ସମ୍ବନ୍ଧୀୟ ରୋଗରେ ଅତି ଉତ୍ତମ ଲାଭପ୍ରଦ ହୋଇଥାଏ । ମଧୁମେହ ବହୁମୂତ୍ର ସମସ୍ତ ପ୍ରକାର ପ୍ରମେହ ନପୁଂସକତା, ସୋମରୋଗ, ଶ୍ୱେତ ପ୍ରଦର ଯୋନୀ ତଥା ଗର୍ଭାଶୟ ରୋଗ, ବୀର୍ଯ୍ୟ ପତଳା ହେବା ବୀର୍ଯ୍ୟ ସମନ୍ଧୀୟ ରୋଗରେ, ବୀର୍ଯ୍ୟ ହୀନତା, ମସ୍ତିଷ୍କ ଦୁର୍ବଳତା, ସ୍ମରଣ ଶକ୍ତି ହୀନତା, ଅନିଦ୍ରା, ପୁରାତନ ରକ୍ତପିତ୍ତ, କାସ, ଶ୍ୱାସ, ସଂଗ୍ରହଣି, କ୍ଷୟ, ରକ୍ତ ପ୍ରଦର, ରକ୍ତ ହୀନତା, ବୃଦ୍ଧାବସ୍ଥାର ରୋଗ ପରେ ଶକ୍ତି ହୀନତା ଇତ୍ୟାଦି ରୋଗରେ ବିଶେଷ ଲାଭଦାୟକ ଅଟେ । ମଧୁମେହ ରୋଗରେ ଏହା ପ୍ରମୁଖ ଔଷଧ ଅଟେ  ଓ ପ୍ରାକୃତିକ ମୈଥୁନ ଦ୍ୱାରା, ବୀର୍ଯ୍ୟନାଶ ଦ୍ୱାରା, କିମ୍ବା ଅତ୍ୟନ୍ତ ସ୍ତ୍ରୀ ମୈଥୁନ ଦ୍ୱାରା ବୀର୍ଯ୍ୟ ହୀନତା ଏବଂ ବୃଦ୍ଧାବସ୍ଥାରେ ହେଉଥିବା ରୋଗ ଗୁଡ଼ିକରେ ସଂପୂର୍ଣ୍ଣ ମୁକ୍ତି ମିଳେ । ଏହି ଦିବ୍ୟ ଔଷଧର ସେବନ ଦ୍ୱାରା ରସ, ରକ୍ତାଦି ଧାତୁକୁ ବୃଦ୍ଧି କରି ସମସ୍ତ ପ୍ରକାରର ଶକ୍ତି ପ୍ରଦାନ କରିଥାଏ ।

## ବ୍ରାହ୍ମୀ ଅଁଳାତେଲ୍

ଏହି ତୈଳ ବ୍ରାହ୍ମୀ ଓ ଅଁଳାର ସଦ୍ୟ ନିଃସାରିତ ରସ ଦ୍ୱାରା ନିର୍ମାଣ କରାଯାଇଥାଏ । ଏହି ତେଲ ଅଧିକ ସୌମ୍ୟ, ଶୀତଳତା ଦାୟକ ଅଟେ । ମସ୍ତିଷ୍କ ପାଇଁ ଏହି ତେଲ ଅଧିକ ଗୁଣକାରକ ଅଟେ । ଏହି ତେଲକୁ ପ୍ରତିଦିନ ପ୍ରୟୋଗ କଲେ ଅସମୟରେ କେଶ ଝଡିବା, କେଶ ଝଡିବା, ମୁଣ୍ଡ ଚନ୍ଦା ହେବା, ବୁଦ୍ଧି ଓ ସ୍ମରଣ ଶକ୍ତି ବୃଦ୍ଧି କରାଇବାରେ ସହାୟକ ହୋଇଥାଏ । ମହିଳା ମାନଙ୍କ କେଶ ପାଚିବା, ଦୁଇ ମୁଁହା ହେବା, ବାଳ କଇଁରି ହେବା, ସମୟ ପୂର୍ବରୁ ଧଳା ହେବା, ଜୀର୍ଣ୍ଣ ମୁଣ୍ଡବ୍ୟଥା, ପାଗଳ, ମୁଣ୍ଡ ବୁଲାଇବା ମୁଣ୍ଡ କାରଣରୁ ଗୁଣିବା ଆଦି ରୋଗ ମଧ୍ୟ ସଂପୂର୍ଣ୍ଣ ଭଲ ହୋଇଥାଏ । ମସ୍ତିଷ୍କର କାମ କରୁଥିବା ବ୍ୟକ୍ତି ବିଶେଷ ପାଇଁ ବିଶେଷ ଲାଭ ଦାୟକ ଅଟେ । ବିଶେଷରୂପେ ଏହି ତେଲୁ ଶୁଦ୍ଧ ରାଶିତେଲରେ ତିଆରି ହେବା ସଙ୍ଗେ-ସଙ୍ଗେ ବିଶୁଦ୍ଧ, ସଦ୍ୟ ସଂଗୃହୀତ ଜଡ଼ିବୁଟୀର ରସ ଦ୍ୱାରା ପକ୍ୱ କରାଇ ତିଆରି କରାଯାଏ । ଯାହାକି ବିଶ୍ୱନୀୟତାର ପ୍ରତୀକ ଅଟେ ।

ଗୁରୁକୁଳ ଆଶ୍ରମ ଫାର୍ମାଶୀର ଏକ ଅପୂର୍ବ ତେଲ ଅଟେ । ଯାହାର ନିର୍ମାଣ ୫୦ ବର୍ଷ ହୋଇ ଗଲାଣି ଓ ଜନ ସମାଜରେ ବହୁତ ଉପଯୋଗୀ ଓ ଗୃହିଦା ନିରନ୍ତର ବଢ଼ି ଗ୍ଲିଛି । ଥରେ ପ୍ରୟୋଗ କରି ପରୀକ୍ଷା କରି ନିଅନ୍ତୁ ।





R.N.I. No. ORIORI/2000/1950 P.R.No. Kalahandi/03/2016-2018

॥ ଓ୩ମ୍ ॥



ଆଜକୁ ୫୦ ବର୍ଷ ହେବ ମାନବ ସେବାରେ ଅହର୍ନିଶ ସଂଲଗ୍ନ
ଆର୍ଷ ପାଠବିଧିର ନିଃଶୁଳ୍କ ଶିକ୍ଷା ତଥା ସୁସଂସ୍କାରଦ୍ୱାରା
ଜଡିତ ଏକମାତ୍ର ଦିବ୍ୟମାନବ ନିର୍ମାଣ କେନ୍ଦ୍ର

# ମହାବିଦ୍ୟାଳୟ ଗୁରୁକୁଳ ଆଶ୍ରମ ଆମସେନା

## ଲିଖିତ ପ୍ରବେଶ ପରୀକ୍ଷା ତିଥି
## ମଇ-ଜୁନ୍ ୨୦୧୮ (ପ୍ରତ୍ୟେକ ରବିବାର)

### ପ୍ରଥମେ ଆସନ୍ତୁ, ନିଜ ଯୋଗ୍ୟତା ଦେଖାନ୍ତୁ ପ୍ରବେଶ କରି ଭବିଷ୍ୟତ ଗଠନ କରନ୍ତୁ

୧- ଆଦର୍ଶ ଦିନଚର୍ଯ୍ୟା ଏବଂ କଠୋର ଅନୁଶାସନ ।
୨- ଛାତ୍ରାବାସରେ ନିଷ୍ଚିତଭାବେ ଅବସ୍ଥାନ ।
୩- ସୁଶିକ୍ଷିତ ଓ ସୁଯୋଗ୍ୟ ଅଧ୍ୟାପକ ।
୪- ବିଦ୍ୟାର୍ଥୀଙ୍କ ସର୍ବାଙ୍ଗୀଣ ବିକାଶ ।
୫- ମେଧାବୀ ବିଦ୍ୟାର୍ଥୀଙ୍କ ନିମିତ୍ତ ଛାତ୍ରବୃତ୍ତି ।
୬- ପ୍ରତ୍ୟହ ଯଜ୍ଞ, ଯୋଗ, ସନ୍ଧ୍ୟା, ଆସନ-ପ୍ରାଣାୟାମ ଓ ବ୍ୟାୟାମ ।
୭- ଶୁଦ୍ଧ ସାତ୍ୱିକ ଏବଂ ପୌଷ୍ଟିକ ଭୋଜନ ତଥା ଧାରୋଷ୍ଣ ଦୁଗ୍ଧ ସେବନ ।
୮- ଉତ୍ତମ ସ୍ୱାସ୍ଥ୍ୟ ନିମିତ୍ତ ବିଶେଷ ଚିକିତ୍ସା ସୁବିଧା ।
୯- ପ୍ରଦୂଷଣ ଓ ବ୍ୟଗ୍ରତା ରହିତ ଖୋଲା ପ୍ରାକୃତିକ ବାତାବରଣ ।
୧୦- ଓଡିଶା ସରକାରଙ୍କଦ୍ୱାରା ଆବାସିକ କୁସ୍ତି ନର୍ସରୀ ।
୧୧- ସ୍ୱାବଲମ୍ବୀ ସଂସ୍କାର ଯୁକ୍ତ ବ୍ୟବସ୍ଥିତ ଜୀବନ ।
୧୨- ବିସ୍ତୃତ କ୍ରୀଡାସ୍ଥଳୀ ଏବଂ ସୁଯୋଗ୍ୟ ଖେଳ ପ୍ରଶିକ୍ଷଣ ।
୧୩- ନୈତିକ, ଚାରିତ୍ରିକ ଏବଂ ଆଧ୍ୟାତ୍ମିକ ବିକାଶ ।
୧୪- ପଞ୍ଚ ସହସ୍ରାଧିକ ପୁସ୍ତକର ବିଶାଳ ପୁସ୍ତକାଳୟ ।
୧୫- କମ୍ପ୍ୟୁଟର୍ ପ୍ରଶିକ୍ଷଣ, ଔଷଧ ପେକିଂ, ପୁସ୍ତକ ବାଇଣ୍ଡିଂ ଓ ସ୍କ୍ରିନ୍ ।
୧୬- ଭାଷଣ, ଗାୟନ ଓ ବାଦନର କ୍ରିୟାତ୍ମକ ଅଭ୍ୟାସ ।

ନୋଟ- ଓଡିଆ ମେଟ୍ରିକର ପରୀକ୍ଷା ମଧ୍ୟ ଏଠାରେ ଉପଲବ୍ଧ

**ଏଣୁ ସଂସ୍କାର ଯୁକ୍ତ ଦିବ୍ୟ ସନ୍ତାନ ନିର୍ମାଣ ପାଇଁ ନିଜ ନିଜର ପୁତ୍ର ଓ କନ୍ୟାଙ୍କୁ ଗୁରୁକୁଳରେ ପ୍ରବେଶ କରାନ୍ତୁ ।**

ନିବେଦନ
**ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ**
ସଞ୍ଚାଳକ, ଗୁରୁକୁଳ ଆଶ୍ରମ ଆମସେନା

ପ୍ରାପ୍ତେଷୁ,
..............................
..............................
..............................



ପ୍ରତିଖଣ୍ଡ ୧୦ ଟଙ୍କା ବାର୍ଷିକ ୧୦୦ ଟଙ୍କା ଆଜୀବନ ୧୦୦୦ ଟଙ୍କା
ମୁଖ୍ୟ ସମ୍ପାଦକ : ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, ଗୁରୁକୁଳ ଆଶ୍ରମ ଆମସେନା ଆନୁକୂଲ୍ୟରେ ସାରଦା ଅଫ୍‌ସେଟ୍ ପ୍ରିଣ୍ଟର୍ସ୍, ଗ୍ରାମ- ଡୁଣ୍ଡା, ସେଜ୍‌ବହାର ରୋଡ଼, ରାୟପୁରଦ୍ୱାରା ମୁଦ୍ରିତ କରାଇ ପ୍ରକାଶିତ ମଧ୍ୟ କରିଛନ୍ତି । ପ୍ରକାଶକଃଗୁରୁକୁଳ ଆଶ୍ରମ, ଆମସେନା, ଖରିଆର୍ ରୋଡ଼, ନୂଆପଡ଼ା (ଓଡ଼ିଶା)

Sai Unique 9300609014